**ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳିତ**

ସୁନ୍ଦରଗଡ,୨୦।୧୧(ଡି.ଏନ.ଏ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ୧୦୪ ତମ ଜୟନ୍ତୀ ସୁନ୍ଦରଗଡ଼ ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଉପସଭାପତି ଅଜିତ ପ୍ରସାଦ, ସାଧରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ ପ୍ରଣବ ସିଂ, ନରେନ୍ଦ୍ର ସିଂ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟନାୟକ, ଅଶୋକ ଆଚାରୀ, ନିରୋଜ ଦାଶ, ଅଜୟ ସିଂଙ୍କ ସମେତ ବରିଷ୍ଠ କଂଗ୍ରେସ କର୍ମୀମାନେ ଯୋଗ ଦେଇ ଇନ୍ଦିରାଙ୍କ ସ୍ମୃତିଚାରଣ କରିଥିଲେ ।

## ସଂକ୍ଷେପରେ

### ହାତୀ ଉପଦ୍ରବ, ଚାଷ ନଷ୍ଟ

**ବାଲିଶଙ୍କରା,୨୦।୨୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ତିଲଡେଗା ପଞ୍ଚାୟତ ଅନ୍ତର୍ଗତ ତିଲଡେଗାରଷ୍ଟି, ବ୍ରାହ୍ମଣମରା, ଗାଈଡେଗା, ଜବଲାଡିହି ଆଦି ଗ୍ରାମରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ନ ହେଉଣୁ ହାତୀପଲ ଗାଁମୁହାଁ ହେଉଛନ୍ତି। ଧାନ ଫସଲ ସହ ପନିପରିବା ଚାଷ ନଷ୍ଟ କରୁଛନ୍ତି। ହାତୀ ଆସିବା ମାତ୍ରକେ ବିଦ୍ୟୁତ କଟାଯାଉଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ଗତ ଦୁଇବର୍ଷ ତଳେ ଏହି ଅଞ୍ଚଳରେ ହାତୀପଲ ପଶି ଧାନ, ମକା ଚାଷ ନଷ୍ଟ କରିଥିଲେ ମଧ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

**ଲହୁଣୀପଡ଼ା,୨୦।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରୁ ଗ୍ରାମରେ ଶୁକ୍ରବାର ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଛି। ଏହାକୁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଉଦ୍‌ଘାଟନ କରି ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ଅଧିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ପ୍ରଗତିରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବଣାଇ ଭାଜପା ଜିଲ୍ଲା ସଭାପତି ଅନିଲ କୁମାର ବାର୍ଲା, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଲୁଥାର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ନାଏକ, ରାହାସ ବିହାରୀ ପ୍ରଧାନ, ଜିଲା ଉପସଭାପତି ବାସୁଦେବ ସାହୁ, ଉପେନ୍ଦ୍ର ବେହେରା, ଲହୁଣୀପଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଅଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର କର୍ମଶାଳା

**ବଣାଇଁ,୨୦।୧୧(ସ୍ୱ.ପ୍ର):** ଜିଲା ବଣାଇଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁରୁଣ୍ଡିଆ ଗ୍ରାମପଞ୍ଚାୟତ ଏବଂ ତାମଡା ଗ୍ରାମପଞ୍ଚାୟତର ତାମଡା ଠାରେ ଗୁରୁବାର ବିଜେଡି ପକ୍ଷରୁ ଗୁରୁଣ୍ଡିଆ (ଖ) ଜିଲା ପରିଷଦ ଜୋନସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ସିଂ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୱାର୍ଡସ୍ତରରୁ କିପରି ଦଳକୁ ମଜବୁତ କରାଯିବ ଓ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଗୁରୁଣ୍ଡିଆ (ଖ) ମଣ୍ଡଳ ଭାଜପା ସଭାପତି ପ୍ରଭାକର ମୁଣ୍ଡା ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଆଶୁତୋଷ ଜୟସ୍ୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ସଭାପତି ପ୍ରଦୀପ ସିଂ, ଅବସରପ୍ରାପ୍ତ ସେନା କର୍ମଚାରୀ କମଳ ଲାକ୍ରା, ଯୁବ ସଭାପତି ବିକ୍ରମ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ ସଭାପତି ଅପିନ୍ଦ୍ର କିସାନଙ୍କ ସଭାପତିତ୍ୱରେ ତାମଡାଠାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ରଣଜିତ କିସାନ, ଜୋନ ସଂଯୋଜକ କାନ୍ଦରା ମହାନ୍ତି, ଯୁବ ଉପସଭାପତି ରୋହିତାଶ୍ୱ ମିଶ୍ର, ନରେନ୍ଦ୍ର ସିଂ, ଜିଲା ପରିଷଦ ସଭ୍ୟା ଚନ୍ଦ୍ରାବତୀ ସିଂ, ସରପଞ୍ଚ ଚମ୍ପା ତିର୍କୀ ପ୍ରମୁଖ ଯୋଗ ଦେଇଥିଲେ।

# ଭାଲୁମୁଣ୍ଡା ହେଲା ଲୋକକଳା ଗ୍ରାମ

**ବଡଗାଁ,୨୦।୧୧(ଡି.ଏନ୍.ଏ)**



କଳାକାରମାନେ ଶୋଭାଯାତ୍ରାରେ କଳା ପରିବେଷଣ କରି ଯାଉଛନ୍ତି।

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଟିମନା ଗ୍ରାମପଞ୍ଚାୟତର ଭାଲୁମୁଣ୍ଡା ଗ୍ରାମକୁ ଲୋକକଳା ଗ୍ରାମ ଭାବେ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ପରମ୍ପରା ବୋଇତ ବନ୍ଦାଣ ଓ ଲୋକକଳା ଗ୍ରାମ ଲୋକାର୍ପଣ ଉତ୍ସବରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି, ବଡଗାଁ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଭୁବନେଶ୍ୱର କେଏମ୍‌ବିବି ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରଫେସର ବୈରାଗୀ ଚରଣ ପଟ୍ଟନାୟକ, ସଂସ୍କୃତି ଗବେଷକ ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଜିଲାର କଳା, ସାହିତ୍ୟ ଓ ସଂସ୍କତି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

ଏହି ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ହୁଳହୁଳି, ଝୋଟି, ଚିତା ଆଦି ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାନଙ୍କୁ ପ୍ରମାଣପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଆଞ୍ଚଳିକ କଳାକାର ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ କୁମାର ସାହୁ, ନରେନ୍ଦ୍ର ବାରିକ, ଫକୀର ବାଡା, ଭାସ୍କର ମଗର, ଦୟାସାଗର ରାଉତ ପ୍ରମୁଖ ପାଲା ପରିବେଷଣ କରିଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା ଅଫିସ,୨୦।୧୧**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ସାରନଗରୀ ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ଉପରବାଲଯୋଡିରେ ଗୁଲୁ ସୋରେନ(୨୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁଲୁ ବମ୍ବେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ସେ ଚାକିରି ହରାଇ ପ୍ରାୟ ୩ ମାସ ତଳେ ଘରକୁ ଫେରି ଆସିଥିଲେ। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଘର ପାଖରେ ଥିବା ଏକ ଗଛରେ ଗୁଲୁ ବେକରେ ରଶି ଲଗାଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ବାଇକ୍-ସାଇକେଲ ଧକ୍କା, ୪ ଆହତ

**ଲହୁଣୀପଡ଼ା,୨୦।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାହାଡ଼ାପୋଷ ୧୦(କ) ରାଜ୍ୟ ରାଜପଥର ଖୁଣ୍ଟୁଗାଁ ନିକଟସ୍ଥ ମତୁଆଳି ନାଳ ପୋଲ ଉପରେ ବାଇକ୍-ସାଇକେଲ ଧକ୍କାରେ ୪ଜଣ ଆହତ ହୋଇଛନ୍ତି। ଖୁଣ୍ଟୁଗାଁ ପଞ୍ଚାୟତ ସୁଆରପାଲି ଗ୍ରାମର ଛବିଳ କାଲୋ(୬୦) ତାଙ୍କର ଦୁଇ ପିଲାଙ୍କୁ ସାଇକେଲରେ ବସାଇ ଶନିବାର ଖୁଣ୍ଟୁଗାଁ ସାପ୍ତାହିକ ହାଟରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀଙ୍କ ସମେତ ଚାରିଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଚିକିତ୍ସା ପାଇଁ ଆହତମାନଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଛବିଳଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ଛାତ୍ରୀନିବାସ କ୍ୟାମ୍ପସରୁ ଓଜନ, ମାପ ବିଭାଗ ଅଫିସ୍ ସ୍ଥାନାନ୍ତର ଦାବି

**ସୁନ୍ଦରଗଡ଼,୨୦।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସ ଅନ୍ତେବାସିନୀଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଏବଂ ଛାତ୍ରୀ ନିବାସ କ୍ୟାମ୍ପସରୁ ମାପ, ଓଜନ ବିଭାଗ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି। ଏ ନେଇ କଲେଜ ପରିଚାଳନା ସମିତି ସଦସ୍ୟ ଜୟନାରାୟଣ ତ୍ରିପାଠୀ ଶନିବାର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।

ପ୍ରକାଶ ଯେ, ଏହି ମହାବିଦ୍ୟାଳୟର ଗୋଟିଏ କ୍ୟାମ୍ପସ ଭିତରେ ଥିବା ଛାତ୍ରୀ ନିବାସରେ ଯୁକ୍ତ ଦୁଇର ୩୦୦ ଏବଂ ଯୁକ୍ତ ତିନିର ୩୦୦ ଜଣ ଏପରି ଭାବେ ୬୦୦ ଜଣ ଅନ୍ତେବାସିନୀ ରହୁଛନ୍ତି । ଛାତ୍ରୀ ନିବାସର ମୁଖ୍ୟ ଫାଟକରେ ୨୪ ଘଣ୍ଟିଆ ସିକ୍ୟୁରିଟି ବ୍ୟବସ୍ଥା ସହ ଅଭିଭାବକ କିମ୍ବା ଅନ୍ୟମାନଙ୍କ ପ୍ରବେଶ ସମୟରେ ପ୍ରବେଶ ପଥରେ ରେଜିଷ୍ଟରରେ ନାମ, ପ୍ରବେଶ ଏବଂ ପ୍ରସ୍ଥାନ ସମୟ ଲେଖା ଯାଉଛି । ଏଭଳି କଟକଣା ଥିବା ସତ୍ତ୍ୱେ ଏହି ଛାତ୍ରୀ ନିବାସର କ୍ୟାମ୍ପସ ଭିତରେ ଅନେକ ବର୍ଷ ହେଲା ଓଜନ ଓ ମାପ ବିଭାଗ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିବାରୁ ଅନ୍ତେବାସିନୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ତେଣୁ କଲେଜର ଅଧକ୍ଷ ଅତିରିକ୍ତ ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇବା ସହିତ ଉକ୍ତ କାର୍ଯ୍ୟାଳୟକୁ ଛାତ୍ରୀନିବାସ ପରିସରରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ତ୍ରିପାଠୀ ଅନୁରୋଧ କରିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ସଦର ତହସିଲଦାରଙ୍କୁ ଏହି କାର୍ଯ୍ୟାଳୟ ପାଇଁ ଅନ୍ୟ ସ୍ଥାନ ଯୋଗାଇ ଦେଇ ସେଠାକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଦର ତହସିଲଦାର ଏହି କାର୍ଯ୍ୟାଳୟ ପାଇଁ ଲୁହୁରାଡ଼ିପାଠାରେ ସ୍ଥାନ ଚୟନ କରି ଉକ୍ତ ସ୍ଥାନକୁ ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ଓଜନ ଓ ମାପ ବିଭାଗ କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ଆଜିଯାଏ ଏହି ବିଭାଗ ସ୍ଥାନାନ୍ତର ହୋଇନାହିଁ । ଏ ବିଷୟରେ କଲେଜ ପରିଚାଳନା ପରିଷଦର ସଭ୍ୟ ତ୍ରିପାଠୀ ଶନିବାର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀନିବାସ ପରିସରରେ ଥିବା ଓଜନ ଓ ମାପ ବିଭାଗ କାର୍ଯ୍ୟାଳୟ ଅନ୍ୟ ସ୍ଥାନକୁ ଶୀଘ୍ର ସ୍ଥାନାନ୍ତର କରିବା ପାଇଁ ଦାବିପତ୍ର ଦେଇଥିଲେ। ଜିଲାପାଳ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା କଳାକାର ମଞ୍ଚ

**ସୁନ୍ଦରଗଡ,୨୦।୧୧(ଡି.ଏନ୍.ଏ)**

କରୋନା ମହାମାରୀ ଯୋଗୁ ସବୁକ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ୨ବର୍ଷ ପରେ ରାଜ୍ୟ ସରକାର କଳାକାରମାନଙ୍କୁ କଳା ପରିବେଷଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏ ନେଇ ସୁନ୍ଦରଗଡ ଜିଲା କଳାକାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଳାକାର ମଞ୍ଚ କୃତଜ୍ଞତା ଜଣାଇଛି।

ଶନିବାର ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଜିଲା କଳାକାର ମଞ୍ଚର ରୋଶନ ସାହୁ, ଉଦ୍ଧବ ଭିତ୍ରିଆ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଜୀବିକା ହରାଇଥିବା ଯାତ୍ରା, ମେଲୋଡି ଓ ମଞ୍ଚ କଳାକାର ମାନଙ୍କ ମଧ୍ୟରେ ନୂତନ ଆଶା ସୃଷ୍ଟି ହୋଇଛି ବୋଲି ସେମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ କଳାକାର ମଞ୍ଚର ପ୍ରିୟଙ୍କା ଜେନା, ବିବେକ ନାଏକ, କବିତା ସାହୁ, ଗୋପାଳ ମିସ୍ତ୍ରୀ, ରଞ୍ଜିତ ପ୍ରସାଦ, ଜିତୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।



ରାଉରକେଲାରେ ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଛି।

## ଷ୍ଟିଲ୍‌ସିଟିରେ ପାଟ୍ରୋଲିଂ କଡ଼ାକଡ଼ି

**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ସହରରେ ଅପରାଧ ବଢୁଥିବାରୁ ପୋଲିସ ପାଟ୍ରୋଲିଂ କଡାକଡି କରାଯାଇଛି। ବିଶେଷ କରି ସହରର ଅନ୍ଧାରିଆ ସ୍ଥାନ, ଖୋଲା ପଡ଼ିଆ, ପାର୍କ ଓ ଗଳିକନ୍ଦି ଅଞ୍ଚଳରେ ପୋଲିସ ଚଢ଼ାଉ ଆରମ୍ଭ କରିଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା, ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିବା ଅମାନିଆଙ୍କୁ ପୋଲିସ ସାବାଡ କରୁଛି। ରାଉରକେଲା ଏସ୍‌ପି ମୁକେଶ ଭାମୁଙ୍କ ନିର୍ଦ୍ଦେଶକ୍ରମେ ପିସିଆର ଭ୍ୟାନ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ଜାରି ରହିଛି। ଶୁକ୍ରବାର ପୋଲିସ ପକ୍ଷରୁ ରଘୁନାଥପାଲି ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଥିଲା। ସେହିପରି ଶନିବାର ସେକ୍ଟର-୧୯ର ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ ହୋଇଛି। ବିଶେଷକରି ରାତି ସମୟରେ ଏହି ଚଢ଼ାଉ ଜାରି ରହିବ ବୋଲି ଏସ୍‌ପି ଭାମୁ ସୂଚନା ଦେଇଛନ୍ତି।

## ରାଉରକେଲାକୁ ଆବର୍ଜନାମୁକ୍ତ ସହର ମାନ୍ୟତା

### ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ରାଜ୍ୟରେ ସୁନ୍ଦରଗଡ଼ ଶ୍ରେଷ୍ଠ ଜିଲା

**ସୁନ୍ଦରଗଡ,୨୦।୧୧(ଡି.ଏନ୍.ଏ)**

ଭାରତ ସରକାରଙ୍କ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ସୁନ୍ଦରଗଡ଼ ଜିଲା ରାଜ୍ୟରେ ଶ୍ରେଷ୍ଠ ଜିଲା ମାନ୍ୟତା ପାଇଛି। ସହରାଞ୍ଚଳରେ ପରିମଳ ପରିଚାଳନା କ୍ଷେତ୍ରରେ ସଫଳତା ପାଇଁ ଜିଲାକୁ ଏହି ପରିଚୟ ମିଳିଛି। ସେହିପରି ସ୍ମାର୍ଟ ସିଟି ରାଉରକେଲା 'ଆବର୍ଜନାମୁକ୍ତ ସହର' ବର୍ଗରେ ଓଡ଼ିଶାର ପ୍ରଥମ ସହର ଭାବେ 'ୱାନ୍ ଷ୍ଟାର' ମାନ୍ୟତା ହାସଲ କରିଛି। ସର୍ବଭାରତୀୟ ସ୍ତରରେ ରାଉରକେଲା ୫୭ତମ ର୍ୟାଙ୍କରେ ରହିଛି। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ୧ ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦେଶର ୩୭୨ଟି ସହର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ସହରାଞ୍ଚଳରେ ଅତ୍ୟାଧୁନିକ ପରିମଳ ପରିଚାଳନା କ୍ଷେତ୍ରରେ ସୁନ୍ଦରଗଡ଼ ଜିଲା ୫୭.୫୪ ସ୍କୋର କରି ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ସହିତ ଦେଶର ୧୩ଟି ରାଜ୍ୟର ୬୫୯ଟି ଜିଲା ଭାଗ ନେଇଥିଲେ। ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ରାଉରକେଲା ସହର ୨୦୨୦ରେ ୧୫୬ତମ ସ୍ଥାନରେ ଥିଲା । ୨୦୧୯ରେ ୩୫୩ତମ ସ୍ଥାନରେ ରହିଥିଲା। ସହରର ପରିମଳ ପରିଚାଳନା କ୍ଷେତ୍ରରେ ଗତ ଏକବର୍ଷ ମଧ୍ୟରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଫଳରେ ଆଜି ସ୍ମାର୍ଟ ସିଟି ରାଉରକେଲା ୫୭ତମ ର୍ୟାଙ୍କରେ ପହଞ୍ଚି ପାରିଛି।

ସୂଚନାଯୋଗ୍ୟ, ରାଉରକେଲା ମହାନଗର ନିଗମ ସହିତ ବୀରମିତ୍ରପୁର ପୌରପାଳିକା ଏବଂ କୋଇଡ଼ା ଓ କୁତ୍ରା ଭଳି ଖଣି ପ୍ରଭାବିତ ବ୍ଲକରେ ବର୍ଷେ ତଳେ ଅତ୍ୟାଧୁନିକ ପରିମଳ ପରିଚାଳନା କାର୍ଯ୍ୟକ୍ରମ ଲାଗୁ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ଡିସେମ୍ବର ୪ରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଖଣି ପ୍ରଭାବିତ ହେମଗିରି, ଲହୁଣୀପଡ଼ା, ରାଜଗାଙ୍ଗପୁର ଏବଂ କୁଆଁରମୁଣ୍ଡା ବ୍ଲକକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ ହୋଇଥିଲା।

## ଦ୍ୱିତୀୟ ବେନିମାଧବ ସମ୍ମାନ ସମାରୋହ

### ସଞ୍ଚାର ଶିଳ୍ପୀ ଦୁଃଖନାଶନଙ୍କୁ ୧ଲକ୍ଷ ଟଙ୍କା ପ୍ରଦାନ

**ସମ୍ବଲପୁର,୨୦।୧୧(ବ୍ୟୁରୋ)**

ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଅନନ୍ୟ। ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ଏହା ଆହୁରି ଆଦୃତି ଲାଭ କରିବ । ଦ୍ୱିତୀୟ ବେନିମାଧବ ସମ୍ମାନ ଗ୍ରହଣ କରି ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା ଏହା କହିଛନ୍ତି। ସମ୍ବଲପୁର ଝାଡୁଆପଡା ଆରଣ୍ୟକ ଗଙ୍ଗାଧର ବିଶି ପ୍ରକାଶନୀ ଆୟୋଜନରେ ଉତ୍ସବ ହୋଇଥିଲା। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି ଓ ଗୀତିକାର ବିନୋଦ ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୁଃଖନାଶନଙ୍କୁ ଏକଲକ୍ଷ ଟଙ୍କା ସହିତ ପ୍ରଶସ୍ତିପତ୍ର ଓ ସ୍ମାରକୀ ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଚାଷୀ ନେତା ଅଶୋକ ପ୍ରଧାନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇ, ପଶ୍ଚିମ ଓଡ଼ିଶା ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାମାଶିଷ ତ୍ରିପାଠୀ, ବିରୁପାକ୍ଷ ପ୍ରଧାନ, ଅଞ୍ଜନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଗୁରୁ ପ୍ରମୋଦ କୁମାର ମିଶ୍ରଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ହାତୀମୃତ୍ୟୁ ମାମଲା: ୩ ଗିରଫ




ବନ ବିଭାଗ ଦ୍ୱାରା ଗିରଫ ୩ ଅଭିଯୁକ୍ତ ।

**ବଣାଇଁ,୨୦।୧୧ (ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ତଥା ବନାଞ୍ଚଳ ଅନ୍ତର୍ଗତ ତେଣ୍ଡରା ଖସଡା ଜଙ୍ଗଲରେ ଗତ ଗୁରୁବାର ଏକ ଦନ୍ତାହାତୀର ମୃତ୍ୟୁ ଘଟଣାର ପର୍ଦ୍ଦାଫାସ ହୋଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାଭାବିକ ମୃତ୍ୟୁ ଘଟିଛି ବୋଲି ଘଟଣାକୁ ଏଡାଇବାକୁ ଚେଷ୍ଟା କରୁଥିବା ବନ ବିଭାଗ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଣାଇଁ ଥାନା ଅନ୍ତର୍ଗତ ତେଣ୍ଡରା ଗ୍ରାମର ଦଶହରା ଭୂୟାଁ, ନିରଞ୍ଜନ ସାହୁ, ଝଗଡୁ ଭୂୟାଁ। ଶୁକ୍ରବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଶନିବାର ପୁଣି ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି।

## ଆଦର୍ଶ ବନ ସୁରକ୍ଷା ସମିତି କରିବାକୁ ସଂକଳ୍ପ

### ସାଗରପାଲି ଓ ଫୁଲଧୂଡ଼ି ବନ ସୁରକ୍ଷା ସମିତିର ସାମାଜିକ ସମୀକ୍ଷା

**ସୁନ୍ଦରଗଡ,୨୦।୧୧(ଡି.ଏନ.ଏ )**

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅନ୍ତର୍ଗତ ସାଗରପାଲି ଓ ଫୁଲଧୂଡି ବନ ସୁରକ୍ଷା ସମିତିର ସାମାଜିକ ସମୀକ୍ଷା ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ହୋଇଥିବା ସାଧାରଣ ପରିଷଦ ବୈଠକରେ ସାଗରପାଲିରେ ବିକାଶ ପଟେଲ ଓ ଫୁଲଧୂଡିରେ କ୍ଷିତେଶର ଚୌଧୁରୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉଭୟ ବନ ସୁରକ୍ଷା ସମିତିର ଆୟବ୍ୟୟର ବିବରଣୀ ଉପସ୍ଥାପନା କରାଯାଇଥିଲା। ଉଭୟ ବନ ସୁରକ୍ଷା ସମିତିକୁ ଜଙ୍ଗଲ ସୁରକ୍ଷା ତଥା ଆୟ ଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସ୍ତରରେ ଏକ ଆଦର୍ଶ ବନ ସୁରକ୍ଷା ସମିତି ଭାବେ ଗଢ଼ିବା ନିମନ୍ତେ ଗ୍ରାମବାସୀ ଶପଥ କରିଥିଲେ। ସାଗରପାଲିରେ ବାର୍‌ହାଙ୍କ ଦାରା ବ୍ୟାପକ ଫସଲ ନଷ୍ଟ ହେଉଥିବାରୁ ଜଙ୍ଗଲ ଚତୁଃପାର୍ଶ୍ୱରେ ସୌରବାଡ ନିର୍ମାଣ କରିବା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଏହାସହିତ ଉଭୟ ବନ ସୁରକ୍ଷା ସମିତିର ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ବାର୍ଷିକ ଯୋଜନା ପ୍ରସ୍ତୁତ କରାଗଲା। ସାଗରପାଲିକୁ ଜିଆ ଖତ ଓ ମହୁ ଚାଷ ଏବଂ ଫୁଲଧୂଡିକୁ ଜିଆଖତ ଓ ଛତୁଚାଷରେ ମଡେଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।




ସାମାଜିକ ସମୀକ୍ଷାରେ ଉପସ୍ଥିତ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ ।

ସୁନ୍ଦରଗଡ ବନଖଣ୍ଡର ବିଷୟ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ, ଉଜ୍ଜ୍ୱଳପୁର ଟିମ୍ ଲିଡର ଦିଗମ୍ବର ଉପାଧ୍ୟାୟ, ସଂଯୋଜକ ରାଜେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ ବାବୁଲାରାମ ମାଝୀ, ରାଜସ୍ୱ ନିରୀକ୍ଷକ ଘନେଶ୍ୱର ପରିଡା ଓ ପବିତ୍ର ମୋହନ ନାଏକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ହରିପ୍ରିୟା ନାଏକ, କୋଷାଧ୍ୟକ୍ଷ ଦେବାନନ୍ଦ ମହାଲିଙ୍ଗ, ଏନିମେଟର ଭାରତୀ ପଟେଲ ଓ ଦମୟନ୍ତୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରାଧାପକଙ୍କ ବିୟୋଗରେ ଶୋକସଭା

**ଝାରସୁଗୁଡ଼ା ଅଫିସ, ୨୦।୧୧**

ଅବସରପ୍ରାପ୍ତ ପ୍ରାଧାପକ ନିଶାମଣି ପ୍ରଧାନଙ୍କ ବିୟୋଗରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଲକ୍ଷ୍ମୀନାରାୟଣ କଲେଜରେ ଅଧାପକ ଭାବେ କାର୍ଯ୍ୟ ଆରମ୍ଭ କରି ପରବର୍ତ୍ତୀ ସମୟରେ ଦେବଗଡ଼, କୁଚିଣ୍ଡା ଓ ଶେଷରେ ଲାଇଡ଼ା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିଲେ। ସଭାରେ ପ୍ରାଧାପକ ନରସିଂହ ପାଣିଗ୍ରାହୀ, ଡ ସରୋଜ କୁଅଁର, ଡ. ସ୍ନେହଲତା ମିଶ୍ର, ପ୍ରାଧାପକ ତପନ କୁମାର ବାରିକ, ଜଗଦୀଶ ଚନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୧ ନଭେମ୍ବର, ୨୦୨୧



## ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

ରେଢାଖୋଲ,(ଡି.ଏନ.ଏ.): ରେଢାଖୋଲ ସତ୍ୟସାଇ ସେବା ସମିତି ଓ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଶନିବାର ଭୀମଭୋଇ କଲେଜଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାଶ ଶିବିର ଉଦଘାଟନ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ସତ୍ୟସାଇ ସେବା ସମିତିର ଆବାହକ ଭାଗୀରଥି ବାରିକ, ହାଡିବନ୍ଧୁ ପ୍ରଧାନ, ସୁଷମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ରେଢାଖୋଲ ବ୍ଲଡବ୍ୟାଙ୍କ କର୍ମଚାରୀ ଇନ୍ଦ୍ରମଣି ବେହେରା, ତ୍ରିପୁରାରି ଗଡତିଆ, ମନୋରମା ଧଳ ଶିବିର ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ପାଠଚକ୍ର, ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷ, ପୂର୍ବାହ୍ନ ୧୦ଟା।
- ଜୀବନବୀମା କର୍ମଚାରୀ ସଂଘର ବାର୍ଷିକ ସାଧାରଣ ପରିଷଦ ସମାବେଶ, ଝାଡୁଆପଡା ଆରଣ୍ୟକ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂମାଶ୍ରୀ ପତ୍ରିକା ଉନ୍ମୋଚନ, ପବ୍ଲିକ ଲାଇବ୍ରେରି ସଭାକକ୍ଷ, ଅପରାହ୍ନ ୩ଟା।

## ସଂକ୍ଷେପରେ

### ଲୋକକଳା ଗ୍ରାମରେ ପ୍ରଶାସନର କାର୍ତ୍ତିକ ପୂର୍ଣ୍ଣିମା



କୁଚିଣ୍ଡା,୨୦।୧୧ (ଡି.ଏନ.ଏ.): ଖଣ୍ଡୋକଟା ଗ୍ରାମରେ ଶୁକ୍ରବାର କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ସହ ଜଡ଼ିତ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ପ୍ରଚାର ପ୍ରସାର ତଥା ପାରମ୍ପରିକ ଲୋକକଳାକୁ ଋଦ୍ଧିମନ୍ତ କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ବିଡ଼ିଓ ନିରଞ୍ଜନ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ପାଲା ଗାୟିକା କୁମୁଦିନୀ ପଟେଲ ସଭାପତିତ୍ୱ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ଆକାଉଣ୍ଟ ଅଫିସର ଅଜୟ ବାଗେ, ବିଏସଏସଓ ଦୀପକ ପଟେଲ, ସ୍ଥାନୀୟ ସରପଞ୍ଚ ମୀନା ନାୟକ, ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ପଟେଲ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ହୁଳହୁଳି, ପିଠାପଣା ପ୍ରସ୍ତୁତି, ଓଡ଼ିଆଣୀ ବେଶ ଓ ଗାଁ ସଫେଇ ଏବଂ ସନ୍ଧ୍ୟାରେ ଲକ୍ଷ୍ମୀପୁରାଣ ପଠନ ଓ ଭାଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିନି ଜଣ ଲେଖାଏ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ଚାଇଲ୍ଡ ଲାଇନ ସହ ବନ୍ଧୁତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଅଫିସ, ୨୦।୧୧: ସପ୍ତାହ ବ୍ୟାପୀ ଚାଲିଥିବା ଚାଇଲ୍ଡ ଲାଇନ ସହ ବନ୍ଧୁତା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଚାଇଲଡ ଲାଇନ କାର୍ଯ୍ୟାଳୟରୁ ଏକ ସଚେତନତା ରଥକୁ ଶିଶୁ ମଙ୍ଗଳ କମିଟି ଅଧକ୍ଷା ଆନନ୍ଦିନୀ ପାଢ଼ୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚାଇଲ୍ଡ ଲାଇନର ଜିଲ୍ଲା ସଂଯୋଜକ ଆଶିଷ କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ରେଲୱେ ଚାଇଲ୍ଡ ଲାଇନ ତରଫରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶନିବାର ଅନ୍ତିମ ଦିବସରେ ରେଲୱେ ଷ୍ଟେଶନ ପରିସରରେ ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଥିଲା । ଶିଶୁ ମଙ୍ଗଳ କମିଟି ଅଧକ୍ଷା ପାଢ଼ୀ ମୁଖ୍ୟଅତିଥି, ଷ୍ଟେସନ ମ୍ୟାନେଜର ମନୋଜ କୁମାର ବେହୁରା, ଶିଶୁ ମଙ୍ଗଳ କମିଟି ସଦସ୍ୟା ଅହଲ୍ୟା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଲୱେ ଚାଇଲ୍ଡ ଲାଇନ ସଂଯୋଜକ ଋଷବ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ।

# ବିକାଶରେ ସହାୟକ ମୁକ୍ତା ଯୋଜନା

ସମ୍ବଲପୁର,୨୦।୧୧(ବ୍ୟୁରୋ)





ବିଜେଡିର ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

**୬୦୪ ପ୍ରକଳ୍ପ, ୩୮ କୋଟି ୮୩ ଲକ୍ଷ ମଞ୍ଜୁର**

ରାଜ୍ୟ ସରକାର ସହରାଞ୍ଚଳ ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସେଥିମଧ୍ୟରୁ ମୁକ୍ତା ଯୋଜନା ଅନ୍ୟତମ। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ପାଇଁ ୬୦୪ ଗୋଟି ପ୍ରକଳ୍ପକୁ ୩୮ କୋଟି ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ସମସ୍ତ ବସ୍ତି ଅଞ୍ଚଳ ବିକଶିତ କରାଯିବ ବୋଲି ଶନିବାର ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ କହିଥିଲେ।

ସେ ଆହୁରି କହିଥିଲେ, ପୂର୍ବରୁ ବିଭିନ୍ନ ସମାଜିକ ସଙ୍ଗଠନ, ବୁଦ୍ଧିଜୀବୀ, ସମ୍ବଲପୁର ଡେଭଲପମେଣ୍ଟ ଫୋରମ, ସାମାଜିକ ଗଣମାଧ୍ୟମ, ୱାର୍ଡ ସ୍ତରର କର୍ମୀମାନଙ୍କ ସହ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟା ଉପରେ ତର୍ଜମା ହୋଇଥିଲା। ୱାର୍ଡ ସ୍ତରରେ ଜରୁରୀ କାମଗୁଡିକର ପ୍ରସ୍ତାବ ସଂଗ୍ରହ ପରେ ରାଜ୍ୟ ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଇଥିଲା। ପ୍ରସ୍ତାବଗୁଡିକ ଗୃହୀତ ହୋଇ ଅର୍ଥ ମଞ୍ଜୁର ହୋଇଛି। ଏବେ କାମ ଆରମ୍ଭ ହୋଇଯିବ। ମହାନଗର ନିଗମର ସମସ୍ତ ୱାର୍ଡରେ ପ୍ରକଳ୍ପ ରହିଛି। ୭୯ କ୍ଷୁଦ୍ର ଉଦ୍ୟାନ ପାଇଁ ୨ କୋଟି ୫୪ ଲକ୍ଷ, ୬୩ ଗୋଟି ପବ୍ଲିକ ଜିମ ପାଇଁ ୧କୋଟି ୩୬ ଲକ୍ଷ, ୫୦ ଗୋଟି ଶିଶୁ କ୍ରୀଡା ଉଦ୍ୟାନ ପାଇଁ ୮୬ ଲକ୍ଷ, ୮୬ ଗୋଟି ପାଦଚଲା ରାସ୍ତା ପାଇଁ ୧ କୋଟି ୬୬ ଲକ୍ଷ, ୧୨ ଗୋଟି ଖେଳପଡିଆ ପାଇଁ ୫୧ ଲକ୍ଷ,୨୫ ଶୌଚାଳୟ ପାଇଁ ୭୨ ଲକ୍ଷ, ୨ ରାସ୍ତା କଡ ବିକ୍ରୟ ସ୍ଥଳୀ ପାଇଁ ୧ କୋଟି ୩୬ ଲକ୍ଷ, ୧୨୮ ରାସ୍ତା ଓ ଡ୍ରେନ ପାଇଁ ୧୧ କୋଟି ୧୧ ଲକ୍ଷ ୩ ହଜାର, ୧୫୯ ଗୋଟି ରାସ୍ତା ପାଇଁ ୧୬ କୋଟି ୭୧ ଲକ୍ଷ ୨ ହଜାର ରହିଛି। ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଥିଲେ, ପ୍ରତ୍ୟେକ ୱାର୍ଡକୁ ସ୍ୱଚ୍ଛ ସୁନ୍ଦର ପରିବେଶ, ପଡାବାସୀଙ୍କ ମୌଳିକ ସୁବିଧା ପାଇଁ ଛୋଟ ଛୋଟ ପ୍ରକଳ୍ପ ହାତକୁ ନିଆଯାଉଛି। ଆଗକୁ ପଡା ଗୁଡିକରେ ଆଲୋଚନା କରି ଦିଆଯାଇଥିବା ପ୍ରସ୍ତାବ ଉପରେ କାମ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ପାଣିଗ୍ରାହୀ, ଶୁଭାଶିଷ ପଣ୍ଡା, ଅଶୋକ ମହାକୁଡ, ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ।

ରେଢାଖୋଲ,୨୦।୧୧ (ଡି.ଏନ.ଏ.)

ରେଢାଖୋଲ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଭୀମଭୋଇ ମିନି ଷ୍ଟାଡିୟମଠାରେ ଶନିବାର ୧୬ତମ ଭୀମଭୋଇ ଚ୍ୟାଲେଞ୍ଜର ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକ୍ଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ରେଢାଖୋଲ ଆଥଲେଟିକ ଆସୋସିଏଶନ ଓ ବୌଦ୍ଧ ଜିଏମ୍‌ସି ମଧ୍ୟରେ ହୋଇଥିଲା। ପରେ ୮ଟି ଦଳ ମଧ୍ୟରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କର୍ଣ୍ଣ କୁମାର ବେହେରା, ରାଜାରାମ ଓରାମ ଓ ନନ୍ଦୁ ନାୟକ ମ୍ୟାଚ ପରିଚାଳନା କରିଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ସୁନାମୁଣ୍ଡାରେ ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ

ଦେବଗଡ଼,୨୦।୧୧(ଡି.ଏନ.ଏ.)

ଦେବଗଡ଼ ଜିଲା ସୁନାମୁଣ୍ଡାସ୍ଥ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ପୁସ୍ତକ ସପ୍ତାହର ଅନ୍ତିମ ଦିବସରେ ଏକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପୁସ୍ତକର ପ୍ରଚ୍ଛଦ ଓ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ରୀତେଶ କୁମାର ଦାଶଙ୍କ ଲିଖିତ କବିତା ଗ୍ରନ୍ଥ ମଣି ମାଣିକ ଅଧ୍ୟକ୍ଷ ଉତ୍ତମ ପ୍ରସାଦଙ୍କ କରକମଳରେ ଲୋକାର୍ପିତ ହୋଇଛି। ସମାରୋହରେ ଗ୍ରନ୍ଥଗାର ଅଧ୍ୟକ୍ଷା ଗୌରୀନନ୍ଦିନୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକ ପଠନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ହରିହର ମିଶ୍ର ପୁସ୍ତକ ସପ୍ତାହର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀତା ଦେବୀ, ନିତ୍ୟାନନ୍ଦ ମିଶ୍ର, ବଡ଼ଦେବ ମେହେର, ଅରବିନ୍ଦ ପାତ୍ର, ଦୀପାଞ୍ଜଳି ଜେନା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ପୁସ୍ତକ ଉପରେ ଅଭିଭାଷଣ ଦେଇଥିଲେ।

# ଗୁରୁ ନାନକ ଦେବଜୀଙ୍କ ଜୟନ୍ତୀ

ସମ୍ବଲପୁର,୨୦।୧୧(ବ୍ୟୁରୋ)

ଶିଖ ଧର୍ମର ପ୍ରଥମ ଗୁରୁ ନାନକ ଦେବଜୀଙ୍କ ଜୟନ୍ତୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୁଦିପଡା, ମୁଙ୍ଗାପଡା, ପାଞ୍ଚଗଛିଆ, ତ୍ରିୱାରିଗଳି, ହୀରାକୁଦ, ବୁର୍ଲା ଗୁରୁଦ୍ୱାରାଠାରେ ଭଜନ ଓ କୀର୍ତ୍ତନ ହୋଇଥିଲା। କରୋନା କଟକଣା ଯୋଗୁ ଶୋଭାଯାତ୍ରା ହୋଇ ନ ଥିଲା। ମୁଦିପଡା ଗୁରୁଦ୍ୱାରଠାରେ ଅଭିନବ ଢଙ୍ଗରେ ଏହି ଉତ୍ସବ ପାଳନ ହୋଇଥିଲା। ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସଚେତନତା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ହୋଇଥିଲା । ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଦେବଗଡ଼ରେ ୩୨ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଦେବଗଡ଼,୨୦।୧୧ (ଡି.ଏନ.ଏ.)

ଦେବଗଡ଼ ଜିଲାର ପୌରାଞ୍ଚଳ ସମେତ ୩ ବ୍ଲକର ୪୦ ହାଇସ୍କୁଲ ମଧ୍ୟରୁ ୩୨ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ଜିଲାର ସର୍ବପୁରାତନ ରାଜା ବାସୁଦେବ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ତଥା ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ, ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପିୟୁଷ ପ୍ରଭାକର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ରୂପାନ୍ତରଣରେ ଜିଲାର ୮୭ ହାଇସ୍କୁଲ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ହାଇସ୍କୁଲକୁ ୬୦ଲକ୍ଷ ଟଙ୍କା ଅନୁଦାନରେ ନୂତନ ଶ୍ରେଣୀ କୋଠରି, ଇ-କ୍ଲାସରୁମ, ଇ-ଲାଇବ୍ରେରି, ବିଜ୍ଞାନାଗାର, ଶୁଦ୍ଧ ପାନୀୟ ଜଳ, ଇନ୍‌ଭର୍ଟର, ଖେଳପଡିଆ ଉନ୍ନତୀକରଣ ସହ ବିଦ୍ୟାଳୟର ସମସ୍ତ ଆସବାବ ପତ୍ର କ୍ରୟ କରାଯିବା ବ୍ୟବସ୍ଥା ରହିଛି।

# ଅବକାରୀ ଓ ପୋଲିସର ଚଢ଼ାଉ, ଷ୍ଟକ ଯାଞ୍ଚ

ସମ୍ବଲପୁର,୨୦।୧୧(ବ୍ୟୁରୋ)



ଯୁଯୁମୁରା ଅଞ୍ଚଳରେ ଅବକାରୀ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ଯୁଯୁମୁରାରେ ନକଲି ମଦ ତିଆରି ସନ୍ଦେହ ଘଟଣା**

ଯୁଯୁମୁରା ଥାନା ଅନ୍ତର୍ଗତ ଯୁଯୁମୁରା ଷ୍ଟେଶନ ନିକଟ ନିଛାଟିଆ ସ୍ଥାନରେ ପଡିଥିବା ନୂଆ ବୋତଲ, ଠିପି, ବିଭିନ୍ନ କମ୍ପାନୀର ଲୋଗୋ ପଡିଥିଲା। ଏହାକୁ ନେଇ ଧରିତ୍ରୀରେ ଯୁଯୁମୁରାରେ ନକଲି ମଦ ତିଆରି ସନ୍ଦେହ ଶୀର୍ଷକରେ ଶନିବାର ଖବର ପ୍ରକାଶ ପାଇଥିଲା। ପରେ ଅବକାରୀ ବିଭାଗ ଓ ପୋଲିସ ତତ୍ପରତା ପ୍ରକାଶ କରିଛି। ଏସ୍‌ପି ବାତୁଲା ଗଙ୍ଗାଧର ଯୁଯୁମୁରା ଥାନା ପୋଲିସକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ଅବକାରୀ ବିଭାଗ ଅଧିକାରୀ ଯୁଯୁମୁରାରେ ପହଞ୍ଚି ୪ଟି ଢାବାରେ ଚଢାଉ କରିଥିଲେ। ଏହା ସହ ଲାଇସନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ଓ ବାର୍‌ରେ ଚଢାଉ କରିଥିଲେ। ଆବଶ୍ୟକ କାଗଜପତ୍ର ଓ ଷ୍ଟକ ଯାଞ୍ଚ କରିଥିଲେ। ଅବକାରୀ ଅଧିକାରୀ ଦିଲୀପ ଶତପଥି କହିଛନ୍ତି, ବୋତଲ ଓ ଠିପି ପଡିଥିବା ସ୍ଥାନକୁ ଟିମ୍ ସଦସ୍ୟ ଯାଇଥିଲେ। ସେଠାରେ ବୋତଲରେ ଥିବା ଲୋଗୋ ଜବତ କରାଯାଇଛି। ଉକ୍ତ ବୋତଲରେ ଥିବା ତାରିଖ, ଲଟ୍ ନମ୍ବର ସହ ଦୋକାନରେ ଥିବା ଲୋଗୋ ଯାଞ୍ଚ ହୋଇଥିଲା। ଅଞ୍ଚଳବାସୀଙ୍କୁ ପଚରାଉଚୁରା କରିବାରୁ କେତେଜଣ ନକଲି ମଦ ତିଆରି କରାଯାଉଥିବା ସୂଚନା ଦେଇଥିଲେ। ହେଲେ ପ୍ରମାଣକୁ ଅପେକ୍ଷା କରାଯାଇଛି ବୋଲି କହିଥିଲେ।

# ମରୁଡ଼ି ଘୋଷଣା ଦାବିରେ ଚାଷୀ ଏକାଠି

ଝାରସୁଗୁଡ଼ା ଅଫିସ,୨୦।୧୧



ବୈଠକରେ ଉପସ୍ଥିତ ଥିବା ପଞ୍ଚାୟତର ଚାଷୀମାନେ।

ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ରେ ମରୁଡି ଦେଖାଦେଇଛି। ସରଣ୍ଡାମାଲ ପଞ୍ଚାୟତରେ ବ୍ୟାପକ ଧାନଫସଲ କ୍ଷୟକ୍ଷତି ହୋଇଛି। ତେଣୁ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବିରେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ସାଲେଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ଚାଷୀମାନେ ଏକତ୍ରିତ ହୋଇଥିଲେ। ମରୁଡ଼ି ଘୋଷଣା ପାଇଁ ଲଖନପୁର ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଖରିଫ ଋତୁରେ ସରକାରଙ୍କ ତରଫରୁ ମାଗଣାରେ ସାର, ବିହନ ଓ କୀଟନାଶକ ଯୋଗାଇଦେବା ପାଇଁ ଦାବି ହୋଇଛି। ଏହି ଅବସରରେ ପଞ୍ଚାୟତ ସ୍ତରୀୟ କୃଷକ ସଙ୍ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ଖଡାମ, କିରାରମା ଓ ସରଣ୍ଡାମାଲ ଆଦି ରାଜସ୍ୱ ଗ୍ରାମର ୧୮ଜଣ ଚାଷୀଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଆସନ୍ତା ବୈଠକରେ କର୍ମକର୍ତ୍ତା ଚୟନ କରାଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ଚାଷୀ ସାଲେଗ୍ରାମ ନାୟକ, ଅଭିନ ଚନ୍ଦ୍ର ରାଉତ, କାମଦେବ ପାଢୀ,ବସ' ପାଢୀ, ପ୍ରସନ୍ନ ପାଢୀ, ସୂର୍ଯ୍ୟ କୁମାର ପାଢୀ, ବିଜୟ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଦିଲୀପ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଇନ୍ଦିରା ଗାନ୍ଧୀ ଜୟନ୍ତୀ

କୁଚିଣ୍ଡା,୨୦।୧୧(ଡି.ଏନ.ଏ.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଝାନ୍ସିରାଣୀ ଲକ୍ଷ୍ମୀବାଇ ଓ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର କୁଚିଣ୍ଡା ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜନସେବା କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଡାକ୍ତର ସନନ୍ଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ମହିୟସୀ ମହିଳାଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ ସେମାନଙ୍କର ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ହୃଦାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଭୟଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ରଶ୍ମିକାନ୍ତ ସାମଲ ସ୍ୱାଗତ ଭାଷଣ ଓ ସମ୍ବଲେଶ୍ୱରି ନର୍ସିଂ କଲେଜ ଅଧ୍ୟକ୍ଷା ଶିଳକି ମହାକୁଲ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୨୦।୧୧(ଡି.ଏନ.ଏ.)

ମହୁଲପାଲି ଥାନା କେଶାଇବାହାଲ ସେଗାପଡା ମଝିରେ ଥିବା ଏକ ପୋଲରେ ବାଡେଇ ହୋଇ ଶନିବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେଭାଡି ଗ୍ରାମର ଶୀତଲ ପାତ୍ର (୩୫)। ମହୁଲପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଛି। ଏ ନେଇ ମହୁଲପାଲି ଥାନାରେ ପାଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୀତଲ କୌଣସି କାମରେ କେଶାଇବାହାଲ ଆସି ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

# ସିରିଜ ଦୁର୍ଘଟଣା: ଯୁବକ ମୃତ, ଜଣେ ଗୁରୁତର

ଝାରସୁଗୁଡ଼ା ଅଫିସ,୨୦।୧୧

ଝାରସୁଗୁଡା ଜିଲା ସଦର ଥାନା ୪୯ନଂ ଜାତୀୟ ରାଜପଥ ଇବ୍ ବ୍ରିଜ୍ ନିକଟରେ ଶନିବାର ଏକ କାର୍ ସିରିଜ ଦୁର୍ଘଟଣା ଘଟାଇଛି। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ରଜରାଜନଗର ଓପିଏମ୍ କଲୋନୀର ଲୋକେଶ୍ୱର ଗୋୟଲ(୪୦)। ଗୁରୁତର ଆହତ ଏଚ୍ କଣ୍ଡାପାଲି ଗଣ୍ଡିଆପଡାର କୁମୁଦ ମାଝି(୩୫)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ସଦର ଥାନା ପୋଲିସ ମୃତଦେହ ଜବତ କରିଛି। ପୋଲିସ୍ ଏକ ମାମଲା (ନଂ୨୦୭/୨୧) ରୁଜୁକରି ଦୁର୍ଘଟଣା ଘଟାଇଥିବା ଓଡି୨୩ଜି୮୭୪୮ନଂ କାର୍‌କୁ ଜବତ କରିଛି। ବ୍ରଜରାଜନଗର ଅଭିମୁଖେ ଯାଉଥିବା କାର୍ ପ୍ରଥମେ ଏକ ବାଇକ୍‌କୁ ଧକ୍କାଦେଇଥିଲା। ପରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ସାଇକେଲକୁ ଧକ୍କାଦେଇ ରାସ୍ତା ତଳକୁ ଓଲଟି ପଡିଥିଲା । ଗୁରୁତର ବାଇକ୍ ଚାଳକଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ମଧ୍ୟରେ ଚୁକ୍ତି

**ଭାରତ ମନି ଷ୍ଟୋର ମାଧ୍ୟମରେ ବିଦ୍ୟୁତ୍ ବିଲ ପୈଠ ହେବ**

ସମ୍ବଲପୁର,୨୦।୧୧(ବ୍ୟୁରୋ)

ଟିପିଡବ୍ଲ୍ୟୁଓଡିଏଲ କମ୍ପାନୀ ଗ୍ରାହକ ସେବାକୁ ପ୍ରାଥମିକତା ଦେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ବିଦ୍ୟୁତ ବିଲ୍ ପୈଠ ସହଜ କରିବା ଲାଗି ଶନିବାର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସହ କମ୍ପାନୀ ଚୁକ୍ତିନାମା ସ୍ୱାକ୍ଷର କରିଛି। କମ୍ପାନୀ ଗ୍ରାହକମାନେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ସହାୟତା ସଂସ୍ଥା ଭାରତ ମନି ଷ୍ଟୋର ମାଧ୍ୟମରେ ପଶ୍ଚିମ ଓଡ଼ିଶାରେ ଥିବା ୪ ହଜାର ୫ଶହ ଶାଖାରେ ବିଦ୍ୟୁତ ବିଲ ପୈଠ କରିପାରିବେ। ଏହାଦ୍ୱାରା ପଶ୍ଚିମ ଓଡିଶାର ୧ହଜାର ୭ଶହ ଗ୍ରାମ ପଞ୍ଚାୟତରେ ଥିବା କିରାନା ଦୋକାନରେ ଗ୍ରାମାଞ୍ଚଳ ଗ୍ରାହକମାନେ ବିଲ୍ ପୈଠ କରିବେ । ସେମାନଙ୍କୁ କମ୍ପାନୀ ଅଫିସକୁ ଯିବାକୁ ପଡିବ ନାହିଁ । ଖୁବ୍‌ଶିଘ୍ର ଏହି ସେବା ଶୁଭାରମ୍ଭ ହେବ ବୋଲି କମ୍ପାନୀର ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

# ଭଲିବଲ ଟୁର୍ନାମେଣ୍ଟ: ଝାରସୁଗୁଡ଼ା ଚାମ୍ପିୟନ

ଝାରସୁଗୁଡ଼ା ଅଫିସ,୨୦।୧୧

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ନକ୍ସାପାଲି ଗ୍ରାମରେ ସେଭନ୍‌ଷ୍ଟାର୍ ଭଲିବଲ ଟିମ୍ ତରଫରୁ ଦିବାରତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୨ ଦଳ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡା ଏୟାରପୋର୍ଟ ଓ ଦୁଆନମୁଣ୍ଡା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଦୁଆନମୁଣ୍ଡାକୁ ହରାଇ ଝାରସୁଗୁଡ଼ା ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ ମୁଖ୍ୟଅତିଥି ଓ ଶରତ କୁମାର ପଟେଲ,ବୃଷଭ ରଣ୍ଡା, ସନାତନ ପଟେଲ, ଗିରି ବେହେରା, ତପନ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସୁଶାନ୍ତ ପଟେଲ, ତରଣୀସେନ ଅମାତ, ରାଜେଶ ପଟେଲ ଖେଳ ପରିଚାଳନା କରିଥିଲେ।



ଉଭୟ ଟିମ୍‌ର ଖେଳାଳିଙ୍କ ସହିତ ଅତିଥିମାନେ।

# ଘରୋଇକରଣ ଦେଶଦ୍ରୋହ ପଦକ୍ଷେପ

ସମ୍ବଲପୁର,୨୦।୧(ବ୍ୟୁରୋ)





ଖବରଦାତା ସମ୍ମିଳନୀରେ ଏଲଆଇସି କର୍ମଚାରୀ ସଂଘ କର୍ମକର୍ତ୍ତା।

**ଏଲ୍‌ଆଇସି କର୍ମଚାରୀ ସଂଘର ଖବରଦାତା ସମ୍ମିଳନୀ**

ଉଦାରବାଦୀ ଅର୍ଥନୀତିକୁ ଦ୍ୱାହି ଦେଇ ଘରୋଇକରଣ କରିବାକୁ ଚକ୍ରାନ୍ତ କରାଯାଇଛି। ଧୀରେ ଧୀରେ ଏଲ୍‌ଆଇସି ମଧ୍ୟ ଘରୋଇକରଣ ହୋଇଯିବ। ଏହାକୁ ସାମଗ୍ରିକ ଭାବେ ଅଖିଳ ଭାରତୀୟ ଜୀବନ ବୀମା ନିଗମ କର୍ମଚାରୀ ସଂଘ ବିରୋଧ କରୁଛି ବୋଲି ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର କହିଛନ୍ତି।

ସେ ଆହୁରି କହିଥିଲେ, ଭାରତ ସରକାରଙ୍କ ଆର୍ଥିକ ସାର୍ବଭୌମତ୍ୱ ସୁରକ୍ଷା ସହଯୋଗ କରୁଛି। ଏଥିରେ ୪୦ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକ ପ୍ରଭାବିତ ହେବେ। ସରକାରୀ ନିବେଶର ଆବଶ୍ୟକତା କରି ବିଶ୍ୱର ଉନ୍ନତ ରାଷ୍ଟ୍ର ସରକାର ପୁଞ୍ଜି ନିବେଶ କରୁଛନ୍ତି। କିନ୍ତୁ ଭାରତ ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବାକୁ ଯୋଜନା କରିଛନ୍ତି। ନ୍ୟାଶନାଲ ମିନିଟାଇଜେଶନ ପାଇପ ଲାଇନ ନାମରେ ସରକାରୀ ସମ୍ପତ୍ତିକୁ କର୍ପୋରେଟ ହାତରେ ଟେକିଦେବାକୁ ମସୁଧା କରୁଛନ୍ତି। ଏହିସବୁ ସମ୍ପତ୍ତିର ମାଲିକ ଜନସାଧାରଣ। ସେମାନଙ୍କ ଅନୁମତି ନ ନେଇ ଘରୋଇକରଣ କରିବା ଦେଶଦ୍ରୋହୀ ପଦକ୍ଷେପ। ଏଲ୍‌ଆଇସି ଲୋକମାନଙ୍କ ବିଶ୍ୱାସକୁ ନେଇ ବ୍ୟବସାୟ କରିଆସିଛି। ଘରୋଇକରଣ କରାଗଲେ ଲୋକମାନଙ୍କ ବିଶ୍ୱାସ ହରାଇବାକୁ ପଡିବ। ପୂର୍ବରୁ ଦେଶରେ ୨ ଶହରୁ ଅଧିକ ଘରୋଇ ବୀମା କମ୍ପାନୀ ବ୍ୟବସାୟ କରିଆସୁଥିଲେ। କେତେକ କମ୍ପାନୀ ଦେବାଳିଆ ଘୋଷଣା ହୋଇଥିବା ବେଳେ ଅନେକ କମ୍ପାନୀ ବଜାରରୁ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ହେଲେ ଏଲ୍‌ଆଇସି ଆଜି ମଧ୍ୟ ଲୋକଙ୍କ ବିଶ୍ୱାସ ଜିତି ପାରିଛି। ପ୍ରଥମେ ୫ କୋଟିର ବ୍ୟବସାୟ କରି ଆଜି ୩୮ ଲକ୍ଷ କୋଟିର ନିଜସ୍ୱ ସମ୍ପତ୍ତି ରହିଛି। ସେଥିରୁ ସରକାରୀ କ୍ଷେତ୍ରରେ ୨୭ ଲକ୍ଷ କୋଟି ଟଙ୍କା ନିବେଶ କରିଥାଏ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ବିଭିନ୍ନ ଆଳ କରି ଏହାକୁ ଘରୋଇକରଣ କରିବାକୁ ଯୋଜନା କରୁଛନ୍ତି। ୧୯୯୫ ମସିହାରୁ ଯେଉଁ ସରକାର ଘରୋଇକରଣ କରିବାକୁ ଚେଷ୍ଟା କରିଛନ୍ତି ସଂଘ ପକ୍ଷରୁ ବିରୋଧ କରାଯାଇଛି। ଆଗକୁ ମଧ୍ୟ ଏହାର ବିରୋଧରେ ଲଢେଇ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟ ସେଣ୍ଟ୍ରାଲ ଜୋନ ସାଧାରଣ ସମ୍ପାଦକ ତ୍ରିନାଥ ଦୋରା, ମହେଶ୍ୱର ଷଣ୍ଢ, ସ୍ୱଦେଶ ରଞ୍ଜନ ପଣ୍ଡା, ଅଲେଖ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଘାଟି ନିକଟରୁ ସଦ୍ୟଜାତ ଶିଶୁର ମୃତଦେହ ମିଳିଲା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଉପରଝର-ଆଟଗାଁ ଘାଟି ନିକଟରୁ ଶନିବାର ସନ୍ଧ୍ୟାରେ ଏକ ସଦ୍ୟଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଘାଟି ନିକଟରେ ଏକ କାଗଜ ପେଟିରେ ଶିଶୁ ମୃତ ଅବସ୍ଥାରେ ଥିବା କେତେକ ଯୁବକ ଦେଖିଥିଲେ। ଉକ୍ତ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସନ୍ଧ୍ୟାରେ ଦେଓଗାଁ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। କିଏ, କେଉଁ ପରିସ୍ଥିତିରେ ଶିଶୁକୁ ପକାଇ ଦେଲେ ତାହା ଜଣା ପଡିନାହିଁ। କିଛି ମାସ ତଳେ ଉକ୍ତ ସ୍ଥାନରେ ଥିବା ଏକ ମନ୍ଦିର ନିକଟରୁ ଏକ ସଦ୍ୟଜାତ ଶିଶୁକୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ସଂକ୍ଷେପରେ

### ଶ୍ରେଷ୍ଠ ୧୦ମ ସ୍ଥାନରେ ପଥରଚେପା ଆଦର୍ଶ ବିଦ୍ୟାଳୟ

**ସର୍ବଭାରତୀୟ ଆବାସିକ ସରକାରୀ ସ୍କୁଲ ର୍ୟାଙ୍କିଙ୍ଗ୍**

**ବଲାଙ୍ଗୀର ଅଫିସ, ୨୦।୧୧:** ବଲାଙ୍ଗୀର ପଥରଚେପାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ସର୍ବଭାତୀୟସ୍ତରରେ ଆବାସିକ ସରକାରୀ ସ୍କୁଲ ର୍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୧୦ମ ସ୍ଥାନରେ ସ୍ଥାନ ପାଇଛି। ଲଗାତାର ଦ୍ୱିତୀୟ ବର୍ଷ ଏହି ସଫଳତା ଦୋହରାଇ ଏହି ସ୍କୁଲ ଜାତୀୟ ସ୍ତରରେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଛି। ଗତବର୍ଷ ଏହି ସ୍କୁଲ ଜାତୀୟସ୍ତରରେ ଶ୍ରେଷ୍ଠ ୧୦ସ୍କୁଲରୁ ପଞ୍ଚମ ସ୍ଥାନରେ ରହିଥିଲା। ୧୩ଟି ପଏଣ୍ଟରେ ହେଉଥିବା ଆକଳନରେ ଏହି ସ୍କୁଲ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି। ସ୍କୁଲ ଅଧକ୍ଷ କ୍ଷମାନିଧି ଝାଙ୍କର ଏହି ସଫଳତା ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦୀର୍ଘମିଆଦୀ ଯୋଜନା ଯୋଗୁଁ ଏହି ସ୍କୁଲ ସର୍ବଭାରତୀୟ ସ୍ତରରେ ସଫଳତା ଦୋହରାଇଛି ବୋଲି କହିଛନ୍ତି।

### ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ଗିରଫ

**ଭବାନୀପାଟଣା,୨୦।୧୧(ସ୍ୱ.ପ୍ର):** କଳାହାଣ୍ଡି ଜିଲା ଜୟପାଟଣା ପୋଲିସ ଶନିବାର ୩ କୁଇଣ୍ଟାଲ ୭୫ କିଗ୍ରା ଗଞ୍ଜେଇ ଜବତ କରିଛି। ଏହାସହ ଏହି ଘଟଣାରେ ଗୋଟିଏ ବୋଲେରୋ (ନଂ.ଓଡି୦୨ଏଚ୍-୩୭୭୩) ଜବତ କରିବା ସହ ଜିଲାର ଆମପାଣି ଥାନା ଅଞ୍ଚଳର ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ କାଉଡୋଲାର ଲାବାନ୍ୟ ଛତ୍ରିଆ(୪୯) ଓ ବରାଗୁଡାର କସନୁ ନାଏକ(୫୨)। ଉଭୟ ଅଭିଯୁକ୍ତଙ୍କୁ ଧର୍ମଗଡ ଏଡିଜେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ,କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଢୁଲୁଘାଟି ଦେଇ ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ ନବରଙ୍ଗପୁର ଜିଲା ଆଡକୁ ଯାଉଥିବା ଖବର ପାଇ ଜୟପାଟଣା ପୋଲିସ ଅତର୍କିତ ଚଢାଉ କରିଥିଲା। ଏହି ସମୟରେ ବୋଲେରୋରେ ଗଞ୍ଜେଇ ଭର୍ତ୍ତି ଥିବା ଦେଖିବାକୁ ପାଇଥିଲା। ଏହି ଚଢାଉରେ ଭବାନୀପାଟଣା ମୁଖ୍ୟାଳୟ ଡିଏସ୍‌ପି ନାରାୟଣ ନାୟକ ଓ ଧର୍ମଗଡ ଏସ୍‌ଡିପିଓ ଧିରଜ କୁମାର ଚୋପଦାରଙ୍କ ସହ ସ୍ଥାନୀୟ ପୋଲିସ ସାମିଲ ଥିଲେ।

### ସିଏରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କଲେ ସାଇନା

**ଜୁନାଗଡ଼,୨୦।୧୧(ଡି.ଏନ.ଏ.):** ସର୍ବଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ)



ଇଣ୍ଟରମିଡିଏଟ୍ (ନିଉ) ପରୀକ୍ଷାରେ ରାଜ୍ୟରେ ପ୍ରଥମ ଓ ଦେଶରେ ୧୨ତମ ସ୍ଥାନ ହାସଲ କରି କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି ଜୁନାଗଡ଼ ସହରର ଝିଅ ସାଇନା ଅଗ୍ରୱାଲ। ସେ ୮ଶହ ମାର୍କରୁ ୫୮୪ ନମ୍ବର ରଖିଛନ୍ତି। ସାଇନା ଜୁନାଗଡ଼ ସହରର ସୁନୀଲ ଅଗ୍ରୱାଲ ଓ ରୀନା ଅଗ୍ରୱାଲଙ୍କ ଝିଅ। ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୫୦ଜଣ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ସାଇନାଙ୍କ ନାମ ରହିଛି। ପୂର୍ବରୁ ସାଇନା ସର୍ବଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫାଉଣ୍ଡେଶନ ପରୀକ୍ଷାରେ ଟପ୍ପର ହୋଇଥିଲେ। ସେତେବେଳେ ସେ ୪ଶହ ମାର୍କରୁ ୩୬୫ ରଖି ସର୍ବଭାରତୀୟ ସ୍ତରରେ ୧ନଂ. ର୍ୟାଙ୍କ୍‌ରେ ରହିଥିଲେ।

# ୪୨ ବାଘନଖ, ୨ ହାତୀଦାନ୍ତ ଜବତ

**ନୂଆପଡା ଅଫିସ,୨୦।୧୧**

ନୂଆପଡା ଜିଲା ସିନାପାଲି ବନ ବିଭାଗ ତରଫରୁ ଚଢାଉ କରାଯାଇ ୪୨ଟି ବାଘନଖ ଓ ଦୁଇଟି ହାତୀଦାନ୍ତ ଜବତ ହୋଇଛି। ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସିନାପାଲି ବ୍ଲକ ସଦର ଗ୍ରାମର ଧନେଶ୍ୱର ମେହେର(୪୫), ଗଣ୍ଡାବାହାଲି ଗ୍ରାମର ମନୋଜ ମେହେର(୪୨) ଏବଂ କଳାହାଣ୍ଡି ଜିଲା ଏମ ରାମପୁର ଅନ୍ତର୍ଗତ ଟୁରଚି ଗ୍ରାମର ନୂଆଖାଉ ବାଗ(୬୦) ଓ ଚିତ୍ରସେନ ବାଗ (୩୬)। ୨ ଖଣ୍ଡ ହାତୀଦାନ୍ତର ଓଜନ ୫ କିଲୋ ୨ ଶହ ଗ୍ରାମ ରହିଛି । ଜବତ ହାତୀଦାନ୍ତର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪ କୋଟି ହେବ ବୋଲି କୁହାଯାଉଛି।

ପ୍ରାପ୍ତ ସୂଚନା ଅନୁସାରେ ସିନାପାଲି ବ୍ଲକ ସଦର ପଞ୍ଚାୟତ କାପସି ଗ୍ରାମ ପଦରଭଟା ଆମ୍ବଗଛଠାରେ ମନୋଜ ଓ ଧନେଶ୍ୱର ବାଘନଖ ଧରି ଗ୍ରାହକଙ୍କୁ ଜଗି ରହିଥିବା ବେଳେ କୌଣସି ସୂତ୍ରରୁ ଖବର



ହାତୀଦାନ୍ତ ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି ଅଣାଯାଇଛି।

**୪ ଗିରଫ**

ପାଇ ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ପ୍ରକାଶ ଟୋପ୍ପୋଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ। ଏହି ଟିମ୍ ଉଭୟଙ୍କୁ କାବୁ କରି ଗିରଫ କରିବା ସହ ସେମାନଙ୍କ ଠାରୁ ୪୨ଟି ବାଘନଖ ଜବତ କରିଥିଲେ। ଦୁଇ ଅଭିଯୁକ୍ତଙ୍କୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ଏ ନେଇ ଅଧିକ ପଚରା ଉଚରା କରାଯାଇଥିଲା। ହେଲେ ସେମାନେ କିଛି କହି ନ ଥିଲେ। ପରେ ମନୋଜଙ୍କ ମୋବାଇଲ ଖୋଲି ଯାଞ୍ଚ କରିବାରେ ମୋବାଇଲରୁ ୨ ଟି ହାତୀଦାନ୍ତ ଫଟୋ ଥିବା ଜଣା ପଡିଥିଲା। ଏ ସମ୍ପର୍କରେ ପଚାରିବାରୁ ମନୋଜ ବନାଞ୍ଚଳ ଅଧିକାରୀ ଟୋପ୍ପୋଙ୍କ ନିକଟରେ ସବୁ କଥା କହିଥିଲେ। ତାଙ୍କ କଥାରୁ କଳାହାଣ୍ଡି ଜିଲା ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା ଜଣାପଡିଥିଲା। କଳାହାଣ୍ଡି ଜିଲା ଏମ ରାମପୁର ଅନ୍ତର୍ଗତ ଟୁରଚି ଗ୍ରାମର ୨ ଜଣ ବ୍ୟକ୍ତିଙ୍କ ନିକଟରେ ହାତୀ ଦାନ୍ତ ଥିବା ସୂଚନା ମିଳିଥିଲା। ଏ ନେଇ ବନାଞ୍ଚଳ ଅଧିକାରୀ ଟୋପ୍ପୋ ଖଡିଆଳ ଡିଏଫଓ ବିବେକ କୁମାରଙ୍କୁ ଜଣାଇଥିଲେ। ଡିଏଫଓ ବିବେକ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏସଇଏଫ ଏସ.ପି. ରଥଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗ ସହିତ ଏକ ଦଳ ଗଠନ କରି ଏମ ରାମପୁର ବନ ବିଭାଗ ସହଯୋଗରେ ଟୁରଚି ଗ୍ରାମରେ ଚଢାଉ କରାଯାଇଥିଲା। ସେଠାରେ ୨ ଜଣ ଅଭିଯୁକ୍ତ ନୂଆଖାଉ ଓ ଚିତ୍ରସେନଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୨ଟି ହାତୀଦାନ୍ତ ଜବତ କରା ଯାଇଥିଲା।

ସୂଚନାଯୋଗ୍ୟ ଏହି ଚୋରା କାରବାର ଦୀର୍ଘ ଦିନରୁ ଚାଲି ଆସୁଥିବା ବେଳେ ସିନାପାଲି ବନ ବିଭାଗ ଏହା ଉପରେ ନଜର ରଖିଥିଲା। ଏ ନେଇ ସିନାପାଲି ବନ ବିଭାଗ ତରଫରୁ ନମ୍ବର ୧୬୩/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାନଙ୍କୁ ଆହୁରି ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଟୋପ୍ପୋ ପ୍ରକାଶ କରିଛନ୍ତି। ଏହି ଚଢାଉରେ ଖଡିଆଳ, ସିନାପାଲି କଳାହାଣ୍ଡି ଜିଲା ଏମ ରାମପୁର ବନବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

## ସଟ୍ଟା ଆଡ୍ଡାରେ ଚଢାଉ: ୩ ଗିରଫ



**ଲୋଇସିଂହା,୨୦।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚାଲିଥିବା ସଟ୍ଟା ଆଡ୍ଡାରେ ଚଢାଉ କରି ପୋଲିସ ୩ ଜଣଙ୍କୁ ଗରିଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ହେଲେ ରାଜ କୁମାର ଧରୁଆ, ସୁରେନ୍ଦ୍ର ଓରଫ ମୁନା କୁଅଁର ଓ ଭୈରବ ସେଠ। ଏନେଇ ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଥିବା ଆଇଆଇସି ରାମାକାନ୍ତ ଜେନା ପ୍ରକାଶ କରିଛନ୍ତି। ଶୁକ୍ରବାର ଆଇଆଇସି ଜେନାଙ୍କ ତେତୃତ୍ୱରେ ପୋଲିସ ଟିମ ଢୋଲମହୁଲରେ ଚଢାଉ କରି ମୁନା କୁଅଁରଙ୍କୁ ଗରିଫ କରିଥିଲା । ସେହିପରି କୁଟରାପାଲିର ଭୈରବ ସେଠ ଏବଂ କୁଟେନପାଲିର ରାଜ କୁମାର ଧରୁଆଙ୍କୁ ଚଢାଉ ପରେ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୨ ଶହ ଟଙ୍କା, ୩ଟି ମୋବାଇଲ ଏବଂ ସଟ୍ଟା ସମ୍ପର୍କିତ କାଗଜପତ୍ର ଜବତ କରାଯାଇଥିଲା।

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

**ନୂଆପଡା ଅଫିସ,୨୦।୧୧**

ନୂଆପଡା ଜିଲା ଖରିଆର ରୋଡ ଗଣପତି ପ୍ୟାଲେସରେ ଜିଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ବିହାରୀ ଲାଲ ବିଶ୍ୱାଳଙ୍କ ସହ ନବ ନିର୍ବାଚିତ ସମସ୍ତ ପଦାଧିକାରୀ ମଞ୍ଚାସୀନ ଥିଲେ। ବୈଠକରେ ଦଳର ଜିଲା ପର୍ଯ୍ୟବେକ୍ଷକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ୬୫ତମ ଜନ୍ମଦିନ ଅବସରରେ ମନ୍ତ୍ରୀ ମିଶ୍ର ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଜିଲାର ୧୪ଟି ଯାକ ଜିଲା ପରିଷଦ ଜୋନ, ୫ ପଞ୍ଚାୟତ ସମିତି ଅଧ୍ୟକ୍ଷ, ୩ ବିଜ୍ଞାପିତ ଅଞ୍ଚଳ ପରିଷଦକୁ କିପରି ଦଳ ଅକ୍ତିୟାର କରିବ ସେଥିପାଇଁ ମନ୍ତ୍ରୀ ମିଶ୍ର ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ଢୋଲକିଆ ତାଙ୍କ ବକ୍ତବ୍ୟରେ ଦଳୀୟ କର୍ମୀମାନେ ଏବେଠାରୁ ଉଦ୍ୟମ କଲେ ଦଳର ବିଜୟ ସମ୍ଭାବନା ନିଶ୍ଚିତ ବୋଲି ମତପ୍ରକାଶ କରିଥିଲେ।

## 'କୃଷକଙ୍କ ଏକତା ଓ ଗଣତନ୍ତ୍ରର ବିଜୟ'

**ବଲାଙ୍ଗୀର ଅଫିସ, ୨୦।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ତିନି କଳା କୃଷି ଆଇନ ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କରିବା ପରେ ବଲାଙ୍ଗୀର ମିଳିତ କୃଷକ ସଙ୍ଗଠନ ପକ୍ଷରୁ ଏକ ପ୍ରେସବିବୃତି ପ୍ରକାଶ କରାଯାଇ ଏହା ଦେଶର ଅଗଣିତ କୃଷକଙ୍କ ଧୈର୍ଯ୍ୟ ସଞ୍ଜମ ଏବଂ ଏକତାର ବିଜୟ ବୋଲି କୁହାଯାଇଛି। ଦେଶର ସମ୍ବିଧାନକୁ ଅଣଦେଖା କରି ସମସ୍ତ ଆଇନ କାନୁନକୁ ପଦଦଳିତ କରି ଅହମିକାର ନଗ୍ନ ପ୍ରଦର୍ଶନ ପୂର୍ବକ କେନ୍ଦ୍ର ସରକାର କୋଭିଡ ମହାମାରୀ ସମୟରେ ଏଇ ତିନି କଳା କୃଷି ଆଇନକୁ କେବଳ କର୍ପୋରେଟର ସ୍ୱାର୍ଥସିଦ୍ଧି ସକାଶେ ଆଣିଥିଲେ। ଏହା ବହୁ ଦିଗରୁ କୃଷକ ବିରୋଧୀ ଥିଲା। ପ୍ରାୟ ଏକବର୍ଷ ପରେ ଏହି ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରାଯିବା ଏହାକୁ ପ୍ରମାଣିତ କରୁଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଭାରତୀୟ କୃଷକମାନଙ୍କ ସଙ୍ଗଠିତ ଶକ୍ତି ଓ ହାର ନ ମାନିବାର ଦୃଢ଼ ମନୋବଳ ସହ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ଐକ୍ୟବଦ୍ଧ ଲଢ଼େଇ ପୁଣି ଥରେ ଭାରତର ଗଣତନ୍ତ୍ରର ଏକ ଉଜ୍ଜ୍ୱଳ ଦିଗକୁ ରେଖାଙ୍କିତ କରୁଛି। ସର୍ବଭାରତୀୟସ୍ତରର ଏଇ ଐତିହାସିକ କୃଷକ ଆନ୍ଦୋଳନ ଓଡିଶାର ତଥା ପଶ୍ଚିମ ଓଡିଶାର କୃଷକ ସଙ୍ଗଠନ ସହ ଅବିଭକ୍ତ ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ସାମିଲ ହୋଇ ଲଢ଼େଇ କରି ଆସିଛି। ଆଗାମୀ ଦିନରେ ଯେକୌଣସି ସରକାର କୃଷି ତଥା କୃଷକ ବିରୋଧୀ ଓ କର୍ପୋରେଟ ସ୍ୱାର୍ଥରେ ଯଦି କୌଣସି ବିଧେୟକ ଆଣନ୍ତି ତାହେଲେ ଏ ଅଞ୍ଚଳର କୃଷକମାନେ ଲଢ଼େଇକୁ ଆହୁରି ତୀବ୍ର କରିବାରେ ପଛଘୁଞ୍ଚା ଦେବେନାହିଁ ବୋଲି କୁହାଯାଇଛି। ଏହି ଅବସରରେ ଦିବଙ୍ଗତ କୃଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଐତିହାସିକ ଆନ୍ଦୋଳନ କୃଷକମାନଙ୍କ ଧୈର୍ଯ୍ୟ, ସଂଯମ ଓ ଏକତାର ପ୍ରତିଫଳନ ବୋଲି ମିଳିତ କୃଷକ ସଙ୍ଗଠନ ପକ୍ଷରୁ ଚାଷୀନେତା ଅରୁଣ ମିଶ୍ର, ଆକାଶ ମିଶ୍ର, ସୌମେନ୍ଦ୍ର ପରିଚ୍ଛା, ଯତି ପ୍ରଧାନ, ବିପ୍ରଚରଣ ସାହୁ, ହିମାଂଶୁ ସାହୁ, ବିଭୁଦତ୍ତ ମିଶ୍ର ପ୍ରେସ୍‌ବିବୃତିରେ କହିଛନ୍ତି।

## ଶିବ ମନ୍ଦିରରୁ ଲିଙ୍ଗ ଚୋରି

**ଲାଠୋର, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଖଣ୍ଡଳେଶ୍ୱର ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଶିବଲିଙ୍ଗ ଚୋରି ହୋଇଯାଇଛି। ଏ ନେଇ ଗ୍ରାମବାସୀ ଶନିବାର ଲାଠୋର ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଲାଠୋର ଥାନାରେ ଏକ ମାମଲା(୧୫୭/୨୧)ରୁଜୁ ହୋଇଛି। ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଲାଠୋର ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ୧୯୩୮ମସିହାରେ ଏହି ମନ୍ଦିର ସ୍ଥାପିତ ହୋଇଥିଲା। ୧୫ଦିନ ତଳେ ମନ୍ଦିର ଉନ୍ନତିକରଣ ସକାଶେ ଗ୍ରାମବାସୀ ଏକ ବୈଠକ କରିଥିଲେ। ଶୁକ୍ରବାର ପାଟଣାଗଡ ବିଧାୟକ ମନ୍ଦିର ପରିଦର୍ଶନ କରି ଦେବାଳୟ ପାଚେରି ଓ ଗେଟ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସବୁଦିନ ପରି ପୂଜକ ଗଣେଶ୍ୱର ଥନାପତି ସନ୍ଧ୍ୟାରେ ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୯.୩୦ରେ ମନ୍ଦିର କବାଟ ଖୋଲାଥିବା ଓ ଲିଙ୍ଗ ଚୋରି ହୋଇଥିବା ଜଣାପଡିଥିଲା।

## କଂଗ୍ରେସ ପାଳିଲା ଚାଷୀଙ୍କ ବିଜୟ ଦିବସ

**ବଲାଙ୍ଗୀର ଅଫିସ, ୨୦।୧୧**

ବଲାଙ୍ଗୀର ଜିଲା କଂଗ୍ରେସ କମିଟି ଓ ଜିଲା କିଶାନ କଂଗ୍ରେସ ପକ୍ଷରୁ ଶନିବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ତିନି କଳା କୃଷି ଆଇନ ପ୍ରତ୍ୟାହାର ସମ୍ପର୍କିତ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଚାଷୀଙ୍କ ବିଜୟ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ କଂଗ୍ରେସ ପକ୍ଷରୁ ୩ଟି ଦାବି ଉପସ୍ଥାପନ କରାଯାଇଥିଲା । ଚାଷୀ ଆନ୍ଦୋଳନରେ ସହୀଦ ପ୍ରତ୍ୟେକ ଚାଷୀଙ୍କ ପରିବାରଙ୍କୁ ୧୦କୋଟି ଟଙ୍କା ଲେଖାଏ କ୍ଷତିପୂରଣ, ଚାଷୀ ମାନଙ୍କ ନାଁରେ ରୁଜୁ ହୋଇଥିବା ମାମଲା ତୁରନ୍ତ ପ୍ରତ୍ୟାହାର ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ଓ ଚାଷୀଙ୍କୁ ଅପଶବ୍ଦ ବ୍ୟବହାର କରିଥିବା ନେଇ ସରକାର କ୍ଷମା ମାଗିବାକୁ ଉପସ୍ଥିତ ଚାଷୀନେତା ଓ କଂଗ୍ରେସ କର୍ମୀମାନେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଚାଷୀ ଓ କଂଗ୍ରେସ କର୍ମୀ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଦିବସ ପାଳନ କରିଥିଲେ । ଜିଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ରାଜ୍ୟ କିଶାନ କଂଗ୍ରେସ ସମ୍ପାଦକ ଚଗଲା ପରିଚ୍ଛା, ସନ୍ତକ ବହିଦାର, ସୁଶାନ୍ତ ଷଡଙ୍ଗୀ, ସେବାଦଳ ଅଧ୍ୟକ୍ଷ ଅସିତ୍ ମିଶ୍ର, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ନାରୀ ନେତ୍ରୀ ଆରତିପ୍ରୀତି ନାଗ, ବବିତା ସାହୁ, ସାଇନା ବେଗମ, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବ୍ଲକ ସଭାପତି ଉମାକାନ୍ତ ସାହୁ, ଜୁଲୁ ପଟ୍ଟନାୟକ, ବ୍ରଜ ସେଠୀ, ଶାନ୍ତନୁ ସିଂ, ଟଙ୍କଧର ଗଡତ୍ୟା ଉପସ୍ଥିତ ଥିଲେ।

## ତହସିଲଦାରଙ୍କୁ ୮ଦଫା ଦାବିପତ୍ର ପ୍ରଦାନ

**ଗୁଡ଼ଭେଲା,୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ ୮ଦଫା ଦାବିରେ ପଶ୍ଚିମ ଓଡିଶା ସେବା ସଂଘ ପକ୍ଷରୁ ଶନିବାର ତୁଷୁରା ତହସିଲଦାର ରବିନ୍ଦ୍ର ପୁଟେଲଙ୍କ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଚଳିତ ବର୍ଷ ବର୍ଷାଭାବ ଯୋଗୁ ଧାନ ଫସଲ ପ୍ରଭାବିତ ହୋଇଛି। ଏଣୁ ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ। ଏଥିସହ ଚାଷୀଙ୍କ କୃଷି ଋଣ ଛାଡ, ହେକ୍ଟର ପିଛା ୬ହଜାର ୨ଶହ ଟଙ୍କା ମରୁଡି ସହାୟତା ପ୍ରଦାନ, ମାସିକ ୫ହଜାର ଟଙ୍କା କୃଷକ



ପଶ୍ଚିମ ଓଡିଶା ସେବା ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭତ୍ତା ପ୍ରଦାନ, ମରୁଡି ଅଞ୍ଚଳରେ ଉଠା ଜଳସେଚନ ତଥା ବନ୍ଧ ପୋଖରୀ ଓ ଗଭୀର ନଳକୂପ ଖନନ, ଉଠା ଜଳସେଚନ ସୁବିଧା ଥିବା ଚାଷ ଜମିର ଜଳକର ଛାଡ, ଅଚଳ ପଡିଥିବା ଉଠା ଜଳସେଚନ ପଏଣ୍ଟଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ, ଦେଓଗାଁ ଚିନିକଳକୁ ପୁନଃ ଚାଲୁ କରାଯିବା ଆଦି ଦାବି ରହିଛି। ପଶ୍ଚିମ ଓଡିଶା ସେବା ସଂଘ ସଭାପତି ରାଜେଶ ବଗର୍ତ୍ତି, ଆଦିବାସୀ ନେତା ମନୋହର ଭୋଇ, ପଞ୍ଚାନନ ନାୟକ, କୁମାରୀ ଭୋଇ, ଭୁବନ ଭୋଇ, ଶୁଭଶ୍ରୀ ନାଗ, ଲାଲବାବୁ ନାଗ, ରାତ୍ର ରଣା, ରାଜକୁମାର ଧରୁଆ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ

**ଖପ୍ରାଖୋଲ, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶନିବାର ଉଦଘାଟନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, ଜିପିଇଓ ସୁଶାନ୍ତ କୁମାର ପାଣି, ଶିକ୍ଷକ ଓମପ୍ରକାଶ ମେହେର, ପବିତ୍ର ଦାଶ, ସୁଚିତା ସାମଲ, ବାସନ୍ତୀ ଛୁରା ପ୍ରମୁଖ ଉପସ୍ଥିତ ଥିଲେ। ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରୂପାନ୍ତରିତ କାର୍ଯ୍ୟ ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ



**ଲୋଇସିଂହା,୨୦।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ଶନିବାର ବାଲି ଚାଲାଣ କରାଯାଉଥିବା ଏକ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୧୦ହଜାର ୨୦ଟଙ୍କା ଜରିମାନା ଆଦାୟ ହୋଇଛି। ଶନିବାର ତହସିଲଦାର ସଂଘମିତ୍ରା କାଲୋ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ଲୋଇସିଂହା ନିକଟ କୁଶଙ୍ଗାଇ ପୋଲ ନିକଟରେ ଉକ୍ତ ଟ୍ରାକ୍ଟରକୁ ଅଟକାଇ ଥିଲେ। ଡ୍ରାଇଭର ହୀରାପୁର ସୁକତେଲ ନଦୀ ବାଲିଘାଟରୁ ରୟାଲଟି ଫି ଦେଢଶହ ଟଙ୍କା ଦେଇ ବାଲି ଆଣୁଥିବା ରସିଦ୍ ଦେଖାଇଥିଲେ। ହେଲେ ତହସିଲଦାର କାଲୋ ରସିଦ ଜାଲ କହି ବାଲି ବୋଝେଇ ଟ୍ରାକ୍ଟରଠାରୁ ଜରିମାନା କାଟିଥିଲେ। ବାଲିଘାଟ ଲିଜ ପ୍ରଦାନ କରାଯାଇଥିଲେ ସୁଦ୍ଧା ଏଗ୍ରିମେଣ୍ଟ ହୋଇ ନ ଥିବା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏ ନେଇ ତହସିଲଦାର କାଲୋଙ୍କ ସହ ଯୋଗଗୋଗ ସମ୍ଭବ ହୋଇନାହିଁ। ତେବେ ମୁଖ୍ୟ କିରାଣି ରତିକାନ୍ତ ପୁରୋହିତଙ୍କୁ ପଚାରିବାରୁ ସମ୍ପୃକ୍ତ ବାଲିଘାଟ ଲିଜ ହୋଇଛି, କିନ୍ତୁ ଏଗ୍ରିମେଣ୍ଟ ହୋଇ ନ ଥିବା କହିଛନ୍ତି।

## ଫୁଟବଲ ଖେଳିଲେ ମନ୍ତ୍ରୀ

**ଜୁନାଗଡ,୨୦।୧୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶଙ୍କରପଲାଠାରେ ଗତ ୧୫ ତାରିଖଠାରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ନିଜେ ଫୁଟବଲ ଖେଳିଥିଲେ। ଯାହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ଫାଇନାଲ ମ୍ୟାଚ ବାରବେଶାଲ ଓ ବେଲଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବେଶାଲ ବେଲଗୁଡାକୁ ୧ ଗୋଲ ଦେଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅନ୍ୟାନଙ୍କ ମଧ୍ୟରେ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ସ୍ଥାନୀୟ ସରପଞ୍ଚ ମୁଖ୍ୟାରାମ ନାଏକ, ମହିଚଲା ସରପଞ୍ଚ ଅଜୟ ବେହେରା, ତାରାପ୍ରସାଦ ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ

**କୋକସରା,୨୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତ ଆଇଲି ଗ୍ରାମର ଅନୀଲ ମାଝିଙ୍କୁ ଶନିବାର ଲଦୁଗାଁ ଅଞ୍ଚଳର ୨ଜଣ ବ୍ୟକ୍ତି ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଅଙ୍ଗୁଳି କଟିଯାଇଥିବା ବେଳେ କାନ୍ଧ ଓ ପେଟରେ କ୍ଷତ ହୋଇଛି। ଅନିଲଙ୍କ ବାପା ଏ ନେଇ କୋକସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାମଲା ରୁଜୁ ହୋଇଛଇ, ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏ ନେଇ କୋକସରା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ କହିଛନ୍ତି। ଆକ୍ରମଣର କାରଣ ଜଣାପଡିନାହିଁ।

# ବଲାଙ୍ଗୀର ଜିଲାର ୨୪ ହାଇସ୍କୁଲ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୨୦।୧୧**

ୟ-ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ୨୪ଟି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲ ଲୋକାର୍ପଣ କରିଥିଲେ। ବଲାଙ୍ଗୀର ସହରର ପତିତପାବନ ଏକାଡେମୀଠାରେ ଏହି ରୂପାନ୍ତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ପାଟଣାଗଡ ବିଧାୟକ ସରୋଜ ମେହେର ଓ ପତିତପାବନ ଏକାଡେମୀ ହାଇସ୍କୁଲ ଛାତ୍ର ଆର୍ଯ୍ୟନ ଶତପଥୀ ମଞ୍ଚାସୀନ ହୋଇଥିଲେ। ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ୟ-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରଶଂସା କରି ସରକାରୀ




ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- ୟ-ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତରଣ
- ଭିତ୍ତିଭୂମି ବିକାଶ ହେଉଛି, ଶିକ୍ଷକ ନିଯୁକ୍ତି କରନ୍ତୁ: ନରସିଂହ

ସ୍କୁଲ ଶିକ୍ଷା, ଗମନାଗମନ, ପାନୀୟ ଜଳ କ୍ଷେତ୍ରରେ ବଲାଙ୍ଗୀର ଜିଲାକୁ ପ୍ରାଥମିକତା ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପିପି ଏକାଡେମୀର ନବମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ଶତପଥୀ ରୂପାନ୍ତରିତ ହାଇସ୍କୁଲର ଅନୁଭୂତି ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆର୍ଯ୍ୟନଙ୍କୁ ଭବିଷ୍ୟତରେ କ'ଣ ହେବ ବୋଲି ପଚାରିବାରୁ ଆଗକୁ ସେ ଜଣେ ଆଇଏଏସ୍ ଅଫିସର ହେବେ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର ଜିଲାର ୧୨୩ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେବ ବୋଲି ୟ-ଟି ସଚିବ ଭି.କେ. ପାଣ୍ଡିଆନ୍ ସୂଚନା ଦେଇଥିଲେ। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ସରକାରୀ ସ୍କୁଲ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଜିଲାପାଳ ରାଣା କହିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ସରକାରୀ ସ୍କୁଲରୁ ଭାରତୀୟ ପ୍ରଶାସନିକ ସେବାର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ବିଧାୟକ ମିଶ୍ର ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଭିତ୍ତିଭୂମିର ଯେଉଁ ବିକାଶ ହେଉଛି। ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଶିକ୍ଷାର ବିକାଶ ପାଇଁ ସବୁ ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବା ଉଚିତ୍ ବୋଲି ସେ କହିଥିଲେ। ଏଠାରେ ପିପି ଏକାଡେମୀ, ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ପୁରାତନ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହେଶ୍ୱରପିଣ୍ଡା ଛକ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବିକି ବାଘ(୨୫) । ମିଳିଥିବା ସୂଚନା ଅନୁଯାୟୀ, ମହେଶ୍ୱରପିଣ୍ଡା ଗ୍ରାମର ବିକି ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇ ସୋନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ବୁର୍ଲା ଡ଼ାକ୍ତରଖାନା ନେବା ବେଳେ ବାଟରେ ବିକିଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ପରିବାର ଲୋକେ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ବିକିଙ୍କ ପରିବାର ଅତ୍ୟନ୍ତ ଗରିବ । ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ବରଗଡ଼ ଅଫିସ୍,୨୦।୧୧: ବରଗଡ଼ ଜିଲା ଭଟଲି ଥାନା ବାଞ୍ଜିପାଲି ଗ୍ରାମ ନିକଟ ଜଙ୍ଗଲରେ ଏକ ମହୁଲ ଗଛରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣକ ଉକ୍ତ ଗ୍ରାମର ମହେନ୍ଦ୍ର ବାରିକ(୧୯) ବୋଲି ଚିହ୍ନଟ ହୋଇଛି। ମୃତ ଶରୀରରେ କ୍ଷତ ଚିହ୍ନ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମୃତ ଯୁବକ ଜଣକ ଶୁକ୍ରବାର ଘରୁ ବାହାରି ଆଉ ଫେରି ନ ଥିଲେ। ଶନିବାର ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ମୃତ ଯୁବକଙ୍କୁ ତାଙ୍କ ବାପା ନାରାୟଣ ଚିହ୍ନଟ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି ।

### ଏଫ୍‌ସିଆଇରେ ଆଜାଦୀ କା ଅମୃତ ମହୋତ୍ସବ

ବରଗଡ଼ ଅଫିସ୍,୨୦।୧୧: ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଶନିବାର ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପକ୍ଷରୁ ଅତାବିରା ଅଗ୍ରସେନ ଭବନରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଏଫ୍‌ସିଆଇ ଅତିରିକ୍ତ ମହାପ୍ରବନ୍ଧକ ପ୍ରଦୀପ ରଣା, ଆଞ୍ଚଳିକ ପ୍ରବନ୍ଧକ ନିରଞ୍ଜନ ଲାଲ ଜାନଜିର, ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରବନ୍ଧକ ସିଦ୍ଧାର୍ଥ ୱିସନିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଖାଦ୍ୟ ସୁରକ୍ଷା ନେଇ ଏଫ୍‌ସିଆଇ, କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଅତାବିରା ପ୍ରବନ୍ଧକ ସନ୍ତୋଷ ନାୟକ, ସମ୍ବଲପୁର ଉପଖଣ୍ଡ କାର୍ଯ୍ୟାଳୟ ପ୍ରବନ୍ଧକ ଆର୍ତ୍ତତ୍ରାଣ ନାୟକ, ସଞ୍ଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବାଉଁଶୁଣୀ,୨୦।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ନାରାୟଣ ନଗର ଲୋକକଳା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବି. ଦେବୀ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଭାଇସ ଚେୟାରମ୍ୟାନ ମନୋରଞ୍ଜନ ପୁରୋହିତ, ସ୍ୱାଧୀନ କୁମାର ପରିଡା, ଜିଲା ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାସ ଯୋଗଦେଇ ଅତୀତର ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମତ ଦେବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଝୋଟି /ମୁରୁଜ ପ୍ରତିଯୋଗିତାରେ ଶାମୁକା ମେହେର ପ୍ରଥମ, ମିତାଞ୍ଜଳୀ ମେଣ୍ଡଲୀ ଦ୍ୱିତୀୟ ଏବଂ ସସ୍ମିତା ପ୍ରଧାନ ଓ ପଦ୍ମିନୀ ମେହେର ତୃତୀୟ, ହୁଳହୁଳି ପ୍ରତିଯୋଗିତାରେ ପଦ୍ମାବତୀ ତରିଆ ପ୍ରଥମ, ସପ୍ତେଶ୍ୱରୀ ଜେନା ଦ୍ୱିତୀୟ, ପ୍ରେମଶୀଳା ମେହେର ଏବଂ ସତ୍ୟଭାମା ମେହେର ତୃତୀୟ, ଲକ୍ଷ୍ମୀ ପୂରାଣ ପଠନରେ ପ୍ରଭାସିନୀ ସିଂ ପ୍ରଥମ, ମାମୁନି ମେହେର ଦ୍ୱିତୀୟ, ସୌଦାମିନୀ ଜେନା ଓ ଗୌରୀ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜମି ଉଦ୍ଧାର ଦାବି ତେଜୁଛି

**ଗ୍ରାମଦେବୀଙ୍କ ଜମି କେଲେଙ୍କାରୀ ଘଟଣା**

- ଜିଲାପାଳଙ୍କ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ନିବେଦନ
- ଜମି ଉଦ୍ଧାର ସଂକଳ୍ପ ନେଲେ ନାଗରିକ

ବରଗଡ଼ ଅଫିସ୍,୨୦।୧୧

ବରଗଡ଼ର ଗ୍ରାମଦେବୀ ମାଁ ସମଲେଶ୍ୱରୀ ମନ୍ଦିର ଜମି ହଡ଼ପ ହେବା ଘଟଣା ପଦାକୁ ଆସିବା ପରେ ଏହାର ଉଦ୍ଧାର ପାଇଁ ସବୁ ମହଲରେ ଦାବି ହୋଇଛି । ଏହି କ୍ରମରେ ଶନିବାର ସନ୍ଧ୍ୟାରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଗ୍ରାମଦେବୀଙ୍କ ଭୂ-ସମ୍ପତ୍ତି ଉଦ୍ଧାର ପାଇଁ ଆଲୋଚନା ହୋଇଥିଲା। ପ୍ରଶାସନିକ ସ୍ତରରେ ଜମି ଜାଲିଆତି ହୋଇଥିବା ନେଇ ଅଭିଯୋଗ ହେଉଥିବା ଯୋଗୁ ଏହାର ସତ୍ୟାସତ୍ୟ ଉନ୍ମୋଚନ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ନିବେଦନ କରାଯାଇଥିଲା।

ଶୁକ୍ରବାର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏହି ଘଟଣାକୁ ନେଇ ସର୍ବଦଳୀୟ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତିକ୍ରମେ ପରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ବୈଠକ ବସିଥିଲା। ବୈଠକରେ ଜିଲାପାଳ ବାନାର୍ଜୀଙ୍କ ସମେତ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ତହସିଲଦାର ସଞ୍ଜୀବ ମେହେର, ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମଦେବୀଙ୍କ ଜମି ଉଦ୍ଧାର ପାଇଁ ହାଇକୋର୍ଟରେ ମାମଲା ଲଢୁଥିବା ଆଡ଼ଭୋକେଟ୍ ଜ୍ୟୋତିରଞ୍ଜନ ସାମଲ ବୈଠକରେ ଉପସ୍ଥିତ ରହି ଦେବୀଙ୍କ ଭୂ-ସମ୍ପତ୍ତି ହଡ଼ପରେ କିଭଳି ଜାଲିଆତି ହୋଇଛି, ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ସଭାପତି କୁଶ ପ୍ରଧାନ, ସମ୍ପାଦକ ହରିହର ପ୍ରଧାନ, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ, ଦୁର୍ଗା ମନ୍ଦିର କମିଟିର ରାଜେନ୍ଦ୍ର ପ୍ରସାଦ ସିଂ, କାଳୀ ମନ୍ଦିର କମିଟିର ଗୌରାଙ୍ଗ ନାୟକ, ସମଲେଶ୍ୱରୀ ମନ୍ଦିର କମିଟିର ସମୀର ପ୍ରଧାନ, ଜଗଦୀଶ ନାୟକ, ଆଡ଼ଭୋକେଟ୍ କିଶୋର ଦାଶ, କଂଗ୍ରେସ ନେତା ନିପନ ଦାଶ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ଜମି କେଲେଙ୍କାରୀ ନେଇ ଜିଲାପାଳଙ୍କ ଅଫିସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

## ଜେଲଗଲେ ସହକାରୀ ପ୍ରୋଗ୍ରାମର

- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦୁର୍ନୀତି
- ପୋଲିସ ସ୍କାନରରେ ଅତିରିକ୍ତ ଆର୍‌ଟିଓ

ବୌଦ୍ଧ, ୨୦।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦୁର୍ନୀତି ଘଟଣାରେ ସହକାରୀ ପ୍ରୋଗ୍ରାମର ରଞ୍ଜନ କୁମାର ଦାସଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରୋଗ୍ରାମର ଦାସ ଅତିରିକ୍ତ ଆରଟିଓ ସାଲଖୁ ମୁର୍ମୁଙ୍କ ପାସ୍‌ୱାଡ ଓ ବାହନ ତଥ୍ୟ ବ୍ୟବହାର କରି ବଡବିଲ ଅଞ୍ଚଳର ୧୧୭ଟି ଗାଡିକୁ ଫିଟନେସ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ଆଞ୍ଚଳିକ ପରିବହନ କମିଶନର ଅରୁଣ ବୋଥ୍ରା ଜାଣିବା ପରେ ପ୍ରୋଗ୍ରାମରଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନରଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ଆରଟିଓ ମୁର୍ମୁ ଗତ ମଙ୍ଗଳବାର ବୌଦ୍ଧ ଥାନାରେ ଗାଡିଗୁଡିକୁ ଫିଟନେସ ଦେଇଥିବା ନେଇ ବୌଦ୍ଧ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏକ ମାମଲା(୨୮୬/୨୧)ରୁଜୁ କରି ପ୍ରୋଗ୍ରାମର ଦାସଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଅତିରିକ୍ତ ଆରଟିଓ ମୁର୍ମୁଙ୍କୁ ପଚାରଉଚରା ପରେ ବୌଦ୍ଧ ଜିଲା ଛାଡି ନ ଯିବାକୁ ପୋଲିସ କହିଛି।

## ଜ୍ୟୋତି ଜବାହାର ଯୁବକ ସଂଘର ବାର୍ଷିକ ଉତ୍ସବ

ଅମରପାଲି,୨୦।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲିଗ୍ରାମର ଜ୍ୟୋତି ଜବାହାର ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ବ୍ୟାସଦେବ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ମୁଖ୍ୟଅତିଥି, ପୂର୍ବତନ ସମିତି ସଭ୍ୟ ଋଷଭ ପ୍ରଧାନ, ନାଟ୍ୟକାର ନାରାୟଣ ଦେହୁରୀ, ମନୋରଞ୍ଜନ ପାଢୀ, ନାଟ୍ୟନିର୍ଦ୍ଦେଶକ ବାସୁଦେବ ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଗୁଣସାଗର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାମାଜିକ ନାଟକ କହଇ ମନ ଆରେ ମୋ ବୋଲ କର ପରିବେଷଣ କରାଯାଇଥିଲା।

## ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଆହ୍ୱାନ


ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବରଗଡ଼ ଅଫିସ୍/ବରପାଲି,୨୦।୧୧

ବରଗଡ଼ ଜିଲା ବରପାଲି ବ୍ଲକ କୁମ୍ଭାରୀ ମାଟିର ଲୋକକଳା ଖୁବ୍ ସମୃଦ୍ଧ। ଏହି ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ପ୍ରଶାସନିକ ଉଦ୍ୟମ ଏବଂ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି । ଶୁକ୍ରବାର ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ଏହି ଅବସରରେ ସ୍ଥାନୀୟ ମହିଳାଙ୍କ ମଧ୍ୟରେ ଝୋଟି ଚିତା, ହୁଳହୁଳି, ଗୃହ ସଫେଇ, ଲକ୍ଷ୍ମୀ ପୁରାଣ ଓ ଭାଗବତ ପଠନ, ପିଠାପଣା ଏବଂ ଓଡ଼ିଆଣୀ ବେଶ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରଭାତରୁ ଗ୍ରାମବାସୀ ଢଙ୍ଗା ଭସାଣ ସହିତ ଗ୍ରାମ ସଫେଇ କରିଥିଲେ।

ଝୋଟି ଚିତାରେ ମୋହିନୀ ପ୍ରଧାନ, ସୁକାନ୍ତୀ ମାଝି, ଜୟନ୍ତୀ ଭୁଏ, ହୁଳହୁଳିରେ ସୈରେନ୍ଦ୍ରୀ ଧରୁଆ, ଅମୃତା ପ୍ରଧାନ, କେତକୀ ବେହେରା, ଲକ୍ଷ୍ମୀ ପୁରାଣ ଓ ଭାଗବତ ପଠନରେ ସଂଯୁକ୍ତା ପ୍ରଧାନ, ସସ୍ମିତା ଭୋଇ, କୁନ୍ଦ ଭୋଇ, ପିଠାପଣାରେ ଦେବକୀ ପଟେଲ, ଅଷ୍ଟମୀ ବିଶ୍ୱାଳ, ଝରଣା ସାହୁ, ଗୃହ ସଫେଇରେ ମଞ୍ଜରୀ ବାରିକ, ପୁଷ୍ପାଞ୍ଜଳି ବୁଢିଆ, ଅଷ୍ଟମୀ ବିଶ୍ୱାଳ ଓଡ଼ିଆଣୀ ବେଶରେ ଗାୟତ୍ରୀ ପୂଜାରୀ, ରୋଜାଲିନ ସାହୁ, ଲାପସୀ ପ୍ରଧାନ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶୁଭଶ୍ରୀ କର, ଉଷାରାଣୀ ସାମନ୍ତ, ରଶ୍ମିରାଣୀ ନନ୍ଦ, ପ୍ରଜ୍ଞାସିନୀ ସାହୁ, ଘନଶ୍ୟାମ ପାତ୍ର, ମନୋଜ କୁମାର ଭୋଇ, ଓଁକାର ନାଥ ପ୍ରଧାନ, ପ୍ରମୋଦ କୁମାର ସାହୁ ବିଚାରକ ଭାବେ ଯୋଗଦାନ କରିଥିଲେ।

ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅମୃତ କୁମାର ବାରିକ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି କେତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଧାୟିକା ସାହୁ ପୁରସ୍କାର ବିତରଣ କରିଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ସରପଞ୍ଚ ରଜନୀ କରତୀ, ସମିତିସଭ୍ୟା ଲୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଟିଟିଲାଗଡ଼ରେ ଜବରଦଖଲ ଉଚ୍ଛେଦ

ଟିଟିଲାଗଡ଼, ୨୦।୧୧(ଡି.ଏନ.ଏ.)

ଉପଖଣ୍ଡ ମୁଖ୍ୟାଳୟ ଟିଟିଲାଗଡ ସହରରେ ଟ୍ରାଫିକ ସମସ୍ୟା ନେଇ ଜନଆକ୍ରୋଶ ପ୍ରକାଶ ପାଇଛି। ପ୍ରଶାସନ ଟ୍ରାଫିକ ସମସ୍ୟାରେ ବାଧକ ହୋଇ ରହିଥିବା ସହରର ରାସ୍ତାରୁ ଜବରଦଖଲ ହଟାଇବା ନେଇ ସ୍ଥାଣୁ ବସିଥିବା ଅଭିଯୋଗ ହୋଇଛି। ସକାଳ ୬ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ମାଲବୁହା ଭାରିଯାନ ସହରକୁ ପ୍ରବେଶ ନିଷେଧ ତଥା ମାଲବୁହା ହାଲୁକା ଯାନ ସହରରେ ଲୋଡିଂ ଅନଲୋଡିଂ ଉପରେ ପ୍ରଶାସନ କଟକଣା ଲଗାଇବା ନେଇ ବ୍ୟବସାୟୀ ତଥା ଗ୍ରାହକ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଟିଟିଲାଗଡ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟୱାନ ମହାଜନ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭାରପ୍ରାପ୍ତ ମାଜିଷ୍ଟ୍ରେଟ କର୍ଣ୍ଣ ମଲ୍ଲିକ, ଉପଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ଶତପଥୀ, ଥାନା ଆଇଆଇସି ରଞ୍ଜନ ବରିହା, ଏସଆଇ ଆଶୁତୋଷ ସାମଲ, ପୌର ଯନ୍ତ୍ରୀ ଅନାଥ ସାହୁ, ପରିମଳ ଅଧିକାରୀ ଶୁଭସ୍ମିତା ଧଳ, ବରିଷ୍ଠ କିରାଣୀ ସାଧୁଚରଣ ବେହେରା, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ସମ୍ମୁଖ, ଡାକ୍ତରଖାନାରୁ ମାଉସୀ ମନ୍ଦିର ଛକ, ବିଏସଏନଏଲ କାର୍ଯ୍ୟାଳୟ ଛକରୁ ହଟଲି ଛକ ଏବଂ କଚେରି ଛକ, ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜେଲ ରାସ୍ତାରୁ ଜବରଦଖଲ ହଟାଯାଇଛି। ଅନେକ ଦୋକାନୀଙ୍କ ଫ୍ରିଜର, ରେଫ୍ରିଜେରେଟର, ଇନଭର୍ଟର ଜବତ ସହ ଜରିମାନା ଆଦାୟ କରାଯାଇଛି। ଶନିବାର ସଂକୁଚିତ ରାସ୍ତାରୁ ଉଚ୍ଛେଦ ଦୋକାନୀଙ୍କୁ ପୂର୍ବ ନିଲାମ ପ୍ରକ୍ରିୟା ବଦଳରେ ଉପଜିଲାପାଳ ଲଟେରି ଜରିଆରେ ବଜାର ପିଣ୍ଡି ସ୍ଥାନ ଆବଣ୍ଟନ କରାଯାଇଛି। ଜଣେ ଶିଶୁଙ୍କ ଜରିଆରେ ଲଟେରି ଉଠାଣ ହୋଇଛି। ୧୧ ଜଣ ଦୋକାନୀ ଏନେଇ ଥଇଥାନ ହୋଇଛନ୍ତି।

**ଲଟେରିରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ**


ଜଣେ ଶିଶୁଙ୍କ ଜରିଆରେ ଲଟେରି ଉଠାଣ କରୁଛନ୍ତି ଟିଟିଲାଗଡ ଉପଜିଲାପାଳ।

# ଆଜାଦୀ କା ଅମୃତ ମହୋତ୍ସବ

ଡୁଙ୍ଗୁରିପାଲି, ୨୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଏଫସିଆଇଠାରେ ଶନିବାର ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଟିଟିଲାଗଡ ଏଫସିଆଇ ଡିଏମ ବି.ଚନ୍ଦ୍ରମୋହନ, ଏଜିଏମ ଲୋକଚନ୍ଦ୍ର ବର୍ମା, ୟୁସି ମ୍ୟାନେଜର ଶଶିକାନ୍ତ ସିଆଲ, ସୋନପୁର ସିଏସଓ ପବିତ୍ର କୁମାର ସାହୁ, ଡୁଙ୍ଗୁରିପାଲି ଏଫସିଆଇ ମ୍ୟାନେଜର ପବନ ରାମଚନ୍ଦନି, ୟୁସି ମ୍ୟାନେଜର ରଞ୍ଜିତ କୁମାର ସାହୁ, ଆଇସିଡିଏସ ସୁପରଭାଇଜର ସୁନନ୍ଦା ମିଶ୍ର, ବ୍ଲକ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ, ଶିକ୍ଷାବିତ୍ ଲକ୍ଷ୍ମୀଧର ନାଏକ ଉପସ୍ଥିତ ଥିଲେ। ନରେନ୍ଦ୍ର ସିଂ ସଭା ପରିଚାଳନା କରିଥିଲେ। କୋଭିଡ ପରିସ୍ଥିତିରେ ନିଗମ କର୍ମଚାରୀଙ୍କ ପ୍ରଚେଷ୍ଟାରେ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ସାରା ଦେଶର ହିତାଧିକାରୀଙ୍କୁ ରାଶନ ଯୋଗାଣ କାର୍ଯ୍ୟକ୍ରମ ଜାରି ରହିଥିବାରୁ ସେମାନେ ଧନ୍ୟବାଦର ପାତ୍ର ବୋଲି ଅତିଥିବୃନ୍ଦ ମତପୋଷଣ କରିଥିଲେ। ଏଫସିଆଇ ଟିଟିଲାଗଡର ମହମ୍ମଦ ୱାଜିତ ଏଜିୱାନ, ଅରୁଣ ପ୍ରସାଦ, ସୁରେଶ କୁମାର, ନବୀନ ସେଠୀ, ପ୍ରବୀଣ କୁମାର ବାଗ,ସୁବର୍ଣ୍ଣପୁର ଜିଲାସ୍ତରୀୟ ସମସ୍ତ ମିଲର୍ସ, ସୁବର୍ଣ୍ଣପୁର ଜିଲା ଟ୍ରକ ୟୁନିୟନ ସମ୍ପାଦକ ଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ନଭେମ୍ବର ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ଆଜାଦି କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ୨୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଡୁଙ୍ଗୁରିପାଲି ଏଫସିଆଇର ରଞ୍ଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଭାଜପା ପକ୍ଷରୁ ଛାଡଖାଇ ଭେଟ୍‌ଘାଟ

ଅମରପାଲି,୨୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ଗ୍ରାମରେ ଶନିବାର ଭାଜପା ତରଫରୁ ଛାଡଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ପୂର୍ବତନ କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁବଳୟା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ ପରିଚାଳନା କରିଥିଲେ। ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଦଳୀୟ କର୍ମୀ ସୁଶାନ୍ତ ସାହୁ, ମଧୁସୂଦନ ସାହୁ, ଲକ୍ଷିନ୍ଦ୍ର ପଧାନ, ମଗ୍ଗୁଲୁ ଘିବିଲା, ପୂର୍ବତନ ସରପଞ୍ଚ ଗୁଲେଖ ପଧାନ, ପଦ୍ମନାଭ ପଣ୍ଡା ପ୍ରମୁଖ ମତ ରଖିଥିଲେ।

## ଗଛରେ ପିଟି ହେଲା କାର୍, ୫ ଗୁରୁତର

ବାଉଁଶୁଣୀ, ୨୦।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଚଉଁରିଆ ପଦର ଗ୍ରାମ ନିକଟରେ ଏକ କାର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରରେ ଥିବ ୫ଜଣ ଗୁରୁତର ଆହତ ହୋଇଛନ୍ତି। ବୌଦ୍ଧ ଥାନା ହରଭଙ୍ଗା ବ୍ଲକ ମଥୁରା ଗ୍ରାମର ସତ୍ୟ କୁମାର ମେହେରଙ୍କ ପରିବାର ଓଡ଼ିଶା ଛତିଶଗଡ଼ ସୀମାନ୍ତ ଚନ୍ଦ୍ରହାସିନିକୁ ବୁଲିବାକୁ ଯାଇ ନିଜର କାର (ନଂ.ଓଡି୨୭ବି/୭୨୭୨)ରେ ଘରକୁ ଫେରୁଥିଲେ। ଏହି ସମୟରେ ୫୭ ନଂ ଜାତୀୟ ରାଜପଥର ଚଉଁରିଆପଦର ନିକଟରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୧୦ ଜଣ ଯାତ୍ରୀଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଯାଇଥିଲା। ଖବର ପାଇ ମନମୁଣ୍ଡା ପୋଲିସ ପହଞ୍ଚି କାରକୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।

## ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ

ପଦ୍ମପୁର, ୨୦।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଚେତନା ପରିଷଦ ଆନୁକୂଲ୍ୟରେ ଶନିବାର ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ସଭାପତି ହରିଶଙ୍କର ସିଂହ, ମୁଖ୍ୟ ଅତିଥି ନାଟ୍ୟକାର ଅଶୋକ ବହିଦାର, ମୁଖ୍ୟବକ୍ତା ଆଇନଜୀବୀ ପ୍ରଶାନ୍ତ ମାଝୀ ଯୋଗଦାନ କରି ଲକ୍ଷ୍ମୀବାଈଙ୍କ ଜୀବନୀ ବର୍ଣ୍ଣନା କରିଥିଲେ। ନାରୀନେତ୍ରୀ ଜ୍ୟୋତ୍ସ୍ନା କର, ସଂଯୁକ୍ତା ମାଝୀ ଓ ପରିଷଦର ଅନ୍ୟ ସଦସ୍ୟମାନେ ବର୍ତ୍ତମାନ ପରିସ୍ଥିତିରେ ଲକ୍ଷ୍ମୀବାଈଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟର ଆନନ୍ଦ ଦାସ ଓ ପରିସଂଖ୍ୟାନ ସହାୟକ ପ୍ୟାରୀମୋହନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଧାଂଶୁ ତ୍ରିପାଠୀ, ଅଶୋକ ମିଶ୍ର, କାହ୍ନୁ ଅଗ୍ରୱାଲ, ସପନ ମହାନ୍ତି, ଭୂପେଶ ସାହୁ, ମନୋଜ ମହାନ୍ତି, ସନ୍ତୋଷ ବୈକାର, ମିତାଳି ସିଂହ, ଅରୁଣା ସାହୁ ସହଯୋଗ କରିଥିଲେ। ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଝାନ୍‌ସୀ ରାଣୀ ଜୟନ୍ତୀରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମଣ୍ଡିରେ ଧାନ ପୂରାଇଲେ ଚାଷୀ

**ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇନି**

ବରଗଡ଼ ଅଫିସ୍/ଅତାବିରା/ ସରଣ୍ଡା,୨୦।୧୧

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି। ଜିଲାର ଅତାବିରା, ଭେଡ଼େନ ବ୍ଲକ ସମେତ ବରଗଡ଼ ବ୍ଲକର ଅନେକ ସ୍ଥାନରେ ଚାଷୀମାନେ ଧାନ ଅମଳ କରି କ୍ଷେତ ଓ ଖଳାରେ ରଖିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରି ନ ଥିବା ଯୋଗୁ ମଣ୍ଡି ଗୁଡ଼ିକ ଖୋଲିନାହିଁ। ଅନ୍ୟପଟେ ଚାଷୀଙ୍କ ଧାନରେ ବେପାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ଏବଂ ଚାଷୀମାନେ ଅନ୍ୟବର୍ଷ ତୁଳନାରେ ଏଥର ଅଧିକ ଅଭାବୀ ବିକ୍ରି ସମସ୍ୟାରେ ଛନ୍ଦି ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଶନିବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ନେତୃତ୍ୱରେ ଅତାବିରା ଏବଂ ଗୋଡ଼ଭଗା ଅଞ୍ଚଳର ଚାଷୀମାନେ ମଣ୍ଡିରେ ଜୋରଜବରଦସ୍ତ ଧାନ ପୂରାଇଥିବା ଦେଖିବାକୁ ମିଳିଛି।

ବିଗତବର୍ଷ ଗୁଡ଼ିକରେ ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିଲା। ମାତ୍ର ଏଥର ନଭେମ୍ବର ୨୫ରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନିଆଯାଇଛି। ଏଭଳି ନିଷ୍ପତ୍ତି ବିରୋଧରେ ଚାଷୀ ସଙ୍ଗଠନ ପ୍ରତିନିଧିମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ଏବଂ ଧାନ ଅମଳ ଆରମ୍ଭ ହୋଇଥିବା ଯୋଗୁ ପ୍ରଥମ ସପ୍ତାହରୁ ମଣ୍ଡି ଖୋଲିବାକୁ ଦାବି ଉପସ୍ଥାପନ କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଫଳରେ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଅତାବିରା ମଣ୍ଡି ସମ୍ମୁଖରେ ନାରାବାଜି କରିବା ପରେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) କର୍ମଚାରୀମାନେ ତାଲା ଖୋଲିଥିଲେ ଏବଂ ଧାନ ବୋଝେଇ ଟ୍ରାକ୍ଟର ମଣ୍ଡିକୁ ପ୍ରବେଶ କରିଥିଲା। ସେହିପରି ଦିନ ପ୍ରାୟ ସାଢ଼େ ୧୨ଟାରେ ଚାଷୀମାନେ ଗୋଡ଼ଭଗା ମଣ୍ଡିକୁ ଯାଇଥିଲେ। ସେଠାରେ ଚାଷୀଙ୍କ ଧାନ ବୋଝେଇ ଟ୍ରାକ୍ଟରକୁ ପୂଜାର୍ଚ୍ଚନା କରାଯିବା ପରେ ଚାଷୀମାନେ ଧାନ ରଖିଥିଲେ। ଚାଷୀନେତା ବିରେନ୍ଦ୍ର କର, ଟିକେଲାଲ ମିଶ୍ର, ଏକାଦଶିଆ ସାହୁ, ଭୀଷ୍ମ ପଣ୍ଡା, ସୁରେଶ ନେକାଣ୍ଟି ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରକାଶଥାଉକି, ଆସନ୍ତା ୨୫ତାରିଖରେ ଅତାବିରା, ଭେଡ଼େନ, ୨୮ତାରିଖରେ ବରଗଡ଼ ଏବଂ ଡିସେମ୍ବର ୧ରୁ ଜିଲାର ଅନ୍ୟ ଅଞ୍ଚଳରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି।


ଗୋଡ଼ଭଗା ମଣ୍ଡିରେ ଧାନ ବୋଝେଇ ଟ୍ରାକ୍ଟରକୁ ପୂଜାର୍ଚ୍ଚନା କରାଯାଉଛି।

## ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ ଉତ୍ସବ

ଦେଓଗାଁ,୨୦।୧୧(ଡି.ଏନ.ଏ.)

ରୂପାନ୍ତରିତ ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ଶନିବାର ଭିଡିଓ କନଫରେନ୍ସିଂରେ ଲୋକାର୍ପିତ ହୋଇଛି। ଶିକ୍ଷକ ବଳଦେବ ମାଝୀ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଚୈତନ୍ୟ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଭକ୍ତ ଚରଣ ସାହୁ, ବିଭୁତିରଣ ରଣା, ଶିକ୍ଷାବିତ୍ କୁମାର ଷାଣ୍ଡ, ଆଲମ୍ଭି ପ୍ରଦୀପ ସାହୁ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।